ଅଜନ୍ତା

# ଆମ ଭାଷା ଆମ ସାହିତ୍ୟ

(ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ପାଠ୍ୟ ଖସଡା ଅନୁସାରେ ପ୍ରସ୍ତୁତ)

4

SPECIMEN COPY
NOT FOR SALE

**ଡକ୍ଟର ଗିରିଧାରୀ ନାୟକ**
ଏମ୍.ଏ.ପିଏଚ୍.ଡି. (ଉତ୍କଳ)



**ଅଜନ୍ତା ପବ୍ଲିକେଶନସ୍**

ଏସ୍-୪୧୭, ଗ୍ରେଟର କୈଳାଶ-୧
ନୂଆଦିଲ୍ଲୀ-୧୧୦୦୪୮

୧୬୪୮, ହିମ୍ମତଗଡ଼, ବଜାର ସୀତାରାମ,
ଆସଫ୍ ଅଲୀ ରୋଡ଼, ଦିଲ୍ଲୀ-୧୧୦୦୦୬

ଫୋନ: ୦୧୧-୨୩୨୩୪୭୪୯, ୪୩୦୮୧୯୭୭

ପ୍ରକାଶକ

ଅଜନ୍ତା ପବ୍ଲିକେଶନସ୍

ଏସ୍-୪୧୭, ଗ୍ରେଟର କୈଳାଶ-୧
ନୂଆଦିଲ୍ଲୀ-୧୧୦୦୪୮

୧୬୪୮, ହିମ୍ମତଗଡ଼, ବଜାର ସୀତାରାମ,
ଆସଫ୍ ଅଲୀ ରୋଡ଼, ଦିଲ୍ଲୀ-୧୧୦୦୦୬

ଫୋନ: ୦୧୧-୨୩୨୩୪୭୪୯,
୪୩୦୮୧୯୭୭

Website: ajantapublications.com


© ଅଜନ୍ତା ପବ୍ଲିକେଶନସ୍

## ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ତ୍ରିଶକ୍ତି (ପଦ୍ୟ) | ୩ |
| ୨. | ମହାମାନବ ସ୍ୱାମୀ ଶିବାନନ୍ଦ | ୭ |
| ୩. | ବୈଜ୍ଞାନିକ ଗୋକୁଳାନନ୍ଦ | ୧୧ |
| ୪. | ବଡ଼ ମଣିଷଙ୍କ ଅଭୁଲା କଥା | ୧୬ |
| ୫. | କମାରଶାଳରୁ ପ୍ରୟୋଗଶାଳା | ୨୧ |
| ୬. | ସୂକ୍ତିମାଳା (ପଦ୍ୟ) | ୨୬ |
| ୭. | ମଣିଷ ପରି ମଣିଷଟିଏ | ୩୦ |
| ୮. | ବୈକୁଣ୍ଠଧାମ ତିରୁପତି ମନ୍ଦିର | ୩୫ |
| ୯. | ଗଛ ଓ ଫୁଲ (ପଦ୍ୟ) | ୪୦ |
| ୧୦. | ସାତଭାୟା | ୪୪ |
| ୧୧. | କର୍ମର ଫଳ | ୪୯ |
| ୧୨. | ମୋ ଭାରତ ମହାନ୍ | ୫୪ |
| ୧୩. | କଲମ ଓ କାଳି (ପଦ୍ୟ) | ୫୯ |
| ୧୪. | ବଡ଼ ଭୋଜନାଳୟ ଆନନ୍ଦବଜାର | ୬୩ |
| ୧୫. | ଖବରକାଗଜ ହକରରୁ ରାଷ୍ଟ୍ରପତି | ୬୭ |
| ୧୬. | ପୁଣ୍ୟର ହିସାବ ନିକାଶ | ୭୨ |
| ୧୭. | ଆଈ (ପଦ୍ୟ) | ୭୬ |

୧


# ତ୍ରିଶକ୍ତି



## ଜ୍ଞାନ



ଜ୍ଞାନକୁ କରି ଆହରଣ
ସତ୍‌ପାତ୍ରେ କର ବିତରଣ ।
ଜ୍ଞାନର ଚାରୋଟି ସୋପାନ
ଜ୍ଞାନ, ବୈରାଗ୍ୟ, ବିବେକ, ବିଜ୍ଞାନ ।
ଜ୍ଞାନପିପାସୁ ନର ଗଣ
ସତ୍ୟ କରନ୍ତି ଉଦ୍‌ଘାଟନ ।
ପଶୁତ୍ୱରୁ ଯାଏ ମାନବତ୍ୱକୁ
ସେଥିଁ ଯାଏ ନର ଦେବତ୍ୱକୁ ।
ଜ୍ଞାନୀ ସଂସାରେ ବଳୀୟାନ
ଧରାରେ ରଖେ ଯଶ, ମାନ ।



## ସତ୍ୟ




ମୁଦ୍ରାର ସତେ ଦୁଇପାଖ
ସତ୍ୟ, ଅସତ୍ୟ ଜାଣିରଖ ।
ସତ୍ୟ ଦିଅଇ ମହାଜ୍ଞାନ







ଅସତ୍ୟ କରେ ଜ୍ଞାନଶୂନ୍ୟ ।
ସତ୍ୟରେ ଥାଏ ଯେଉଁ ଜନ
ସେ ପାଏ ଦିବ୍ୟର ସନ୍ଧାନ ।
ହୃଦୟଙ୍ଗମ କର ସତ୍ୟ,
ସେହି ତ ସଂସାରରେ ନିତ୍ୟ,
ସତ୍ୟକୁ କରି ଆପଣାର
ପାରି ହୋଇବ ଏ ସଂସାର ।

## ଧର୍ମ





ସ୍ୱ ଧର୍ମ ସବୁଠାରୁ ସାର
ଧର୍ମରେ ଚଳ ନାରୀ, ନର ।
ଧର୍ମ, ଅଧର୍ମ ଯେ ବିଚାରେ
ମହତ ହୁଏ ସେ ସଂସାରେ
ବୈକୁଣ୍ଠ ପ୍ରାପ୍ତି ହୁଏ ତା'ର
ସୁଜନେ ଧର୍ମକୁ ଆଚର ।
ମହୀ ମଣ୍ଡଳେ ଧର୍ମସାର
ଅନିତ୍ୟ ଏ ଭବ ସଂସାର ।
ଧର୍ମ, ଜୀବନ ସହଚର
ଧର୍ମକୁ କର ଆଗୁସାର ।

**ଆସ, ନୂଆ ଶବ୍ଦ କେତୋଟି ଜାଣିବା**

| | | | |
|---|---|---|---|
| ନିତ୍ୟ | ସନ୍ଧାନ | ଆହରଣ | ସତ୍‌ମାର୍ଗ |
| ଦିବ୍ୟ | ବୈରାଗ୍ୟ | ବିତରଣ | ମାନବତ୍ୱ |
| ଯଶ | ପିପାସୁ | ସହଚର | ଆଗୁସାର |

# ପ୍ରଶ୍ନାବଳୀ

୧. ଆସ ନିଜ ଭିତରେ କଥାବାର୍ତ୍ତା କରିବା ଓ ଲେଖିବା ।

(କ) ଜ୍ଞାନର କେତେଗୋଟି ସୋପାନ ଅଛି ?

(ଖ) ସତ୍ୟରେ ଥିବା ଲୋକ କାହାର ସନ୍ଧାନ ପାଏ ?

(ଗ) ମହୀମଣ୍ଡଳରେ ସାର କ'ଣ ?

(ଘ) ଧର୍ମ କାହାର ସହଚର ?

(ଙ) ଅସତ୍ୟ କ'ଣ କରେ ?

(ଚ) କାହାକୁ ଆପଣାର କଲେ ସଂସାରରୁ ପାରି ହେବା ?

(ଛ) ତ୍ରିଶକ୍ତି କହିଲେ କାହାକୁ ବୁଝାଯାଏ ?

୨. ଆସ ତଳେ ଦିଆଯାଇଥିବା ଶବ୍ଦର ଅର୍ଥ ଲେଖିବା ।

| | | | |
|---|---|---|---|
| ସୋପାନ | ________ | ନିତ୍ୟ | ________ |
| ବିତରଣ | ________ | ଆପଣାର | ________ |
| ବଳୀୟାନ | ________ | ସହଚର | ________ |

୩. କବିତାରେ ଯେଉଁ ଅଂଶ ଛାଡ଼ିଦିଆଯାଇଛି, ଆସ ତାକୁ ଭାବିଚିନ୍ତି ଖାଲି ସ୍ଥାନକୁ ପୂରଣ କରିବା ।

(କ) ସତ୍ୟରେ ଥାଏ ଯେଉଁ ଜନ ________ ।

(ଖ) ମହୀମଣ୍ଡଳେ ଧର୍ମ ସାର ________ ।

(ଗ) ________ ସେହି ତ ସଂସାରରେ ନିତ୍ୟ ।

୪. ବୁଝାଇ ଲେଖ:-

(କ) "ସ୍ୱଧର୍ମ ସବୁଠାରୁ ସାର
ଧର୍ମରେ ଚଳ ନାରୀ, ନର ।"

(ଖ) "ସତ୍ୟ ଦିଅଇ ମହା ଜ୍ଞାନ

ଅସତ୍ୟ କରେ ଜ୍ଞାନ ଶୂନ୍ୟ ।"

(ଗ) ଧର୍ମ, ଅଧର୍ମ ଯେ ବିଚାରେ

ମହତ ହୁଏ ସେ ସଂସାରେ ।

୫. ଆସ, ତଳେ ଦିଆଯାଇଥିବା ଶବ୍ଦର ବିପରୀତ ଶବ୍ଦ ଲେଖିବା ।

| | | | |
|---|---|---|---|
| ସତ୍ୟ | ________ | ସତ୍‌ମାର୍ଗ | ________ |
| ଧର୍ମ | ________ | ଦାନୀ | ________ |
| ଜ୍ଞାନୀ | ________ | ଜୀବନ | ________ |

୬. କବିତାରେ ଯେଉଁ ପଦଗୁଡ଼ିକ ନିଜ ଜୀବନରେ କାମରେ ଆସିବ, ସେଗୁଡ଼ିକୁ ଆବୃତ୍ତି କରିବା ।

# ୨ ମହାମାନବ ସ୍ୱାମୀ ଶିବାନନ୍ଦ



ପୁଣ୍ୟଭୂମି ଭାରତ ବର୍ଷ । ଅନେକ ସାଧୁ, ସନ୍ଥ, ମହାମନୀଷୀ ଏ ପବିତ୍ର ଧାମରେ ଜନ୍ମଗ୍ରହଣ କରିଛନ୍ତି । ତାଙ୍କର ପ୍ରତିଭା ବଳରେ ସେମାନେ ଲୋକମାନଙ୍କ ମନରେ ଧର୍ମର ଧାରଣା ଦେଇଯାଇଛନ୍ତି । ସେମାନଙ୍କର ଅବଦାନକୁ ଏ ମାଟି ଭୁଲିପାରି ନାହିଁ । ଆଜିର ମଣିଷ ସେମାନଙ୍କ ବାଟକୁ ଅନୁସରଣ କରୁଛି । ପିଲାଟିଏ ଥିଲା । ଧୂଳିଖେଳ ସାରି ପାଠ ପଢ଼ିଲା । ବାପା ମାଆଙ୍କର ଗେହ୍ଲା ପୁଅ ଥିଲା । ହେଲେ ପିଲା ଦିନରୁ ତା'ର ସଂସାର ପ୍ରତି ଆଗ୍ରହ ନଥିଲା । ପିଞ୍ଜରାରୁ ପକ୍ଷୀ ଉଡ଼ିଗଲା ପରି, ସେ ସବୁବେଳେ ଚାହୁଁଥିଲା ମିଶିଯିବାକୁ ସେଇ ପରଂବ୍ରହ୍ମଙ୍କ ସତ୍ତାରେ । ସେ ଆଉ କେହି ନୁହଁନ୍ତି, **ସ୍ୱାମୀ ଶିବାନନ୍ଦ** ।

୧୮୮୭ ମସିହାରେ ସେ ଜନ୍ମନେଲେ । ସେଦିନ ଥାଏ ସେପ୍ଟେମ୍ବର ମାସ ୮ ତାରିଖ । ଦକ୍ଷିଣ ଭାରତର ପଟ୍ଟାମଡ଼ାଇ ଗାଁ । ଜନ୍ମ ହୋଇଥିଲେ ମହାଋଷି ସ୍ୱାମୀ **'ଶିବାନନ୍ଦ'** । ସେ ହେଲେ ସଦ୍ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ହିମାଳୟରେ ସେ ଥିଲେ ଜଣେ ଆଦର୍ଶ ଚିକିତ୍ସକ । ତାଙ୍କର ନାଁ ଖଣ୍ଡମଣ୍ଡଳରେ

ବ୍ୟାପିଗଲା । ସେଥିରେ ତାଙ୍କର ମନ ଲାଗିଲା ନାହିଁ । ନିଜର କର୍ମକ୍ଷେତ୍ରକୁ ଛାଡ଼ି ହିମାଳୟ ଗଲେ । ତାହାର ପାଦଦେଶରେ ପବିତ୍ରକାରିଣୀ ଗଙ୍ଗା ନଈ ବହିଯାଉଛି । ସେଠାରେ ଅଛି ଋଷିକେଶ ପୀଠ । ସେଠାରେ ସେ ସାଧନାରେ ରତ ରହିଲେ । ସାଧନା ଫଳରେ ଶିବାନନ୍ଦ ଦିବ୍ୟଜୀବନ ଲାଭ କଲେ ।

୧୯୩୬ ମସିହାରେ ଆରମ୍ଭ କଲେ 'ଦିବ୍ୟଜୀବନ ସଂଘ' । ସେ ଅନେକ ସ୍ଥାନକୁ ଖାଲି ପାଦରେ ଚାଲି ଚାଲି ଯାଇଛନ୍ତି । ବହୁ ଅନୁଭୂତି ସଂଗ୍ରହ କରିଛନ୍ତି । ଜୀବନର ସୁଖ ସମ୍ଭାରକୁ ପରିତ୍ୟାଗ କରି ଚାଲିଲେ ଈଶ୍ୱରଙ୍କର ରହସ୍ୟ ବୁଝିବା ପାଇଁ । ସବୁବେଳେ ତାଙ୍କ ମୁହଁରେ ଥିଲା ଈଶ୍ୱରଙ୍କ ନାମ । ବିଶ୍ୱ ନିୟନ୍ତାଙ୍କର ଆଶୀର୍ବାଦପାଇ ଆଗେଇଗଲେ ଆଗକୁ ଆଗକୁ ।

ସବୁ ଧାମ ସେ ବୁଲିଛନ୍ତି । "ତୁଳସୀ ଦୁଇପତ୍ରରୁ ବାସିଲା" ପରି ତାଙ୍କର ଆଚରଣ ସାଧୁ ବୋଲି ଜଣାଇ ଦେଉଥିଲା । ଥରେ ସେ ପୁରୀ ଧାମ ଆସିଥାନ୍ତି । ଗରୁଡ଼ ଖମ୍ବ ପାଖରେ ଠିଆ ହୋଇ ଜୟଦେବଙ୍କର **"ଗୀତ ଗୋବିନ୍ଦ"** ଗାଉଥାଆନ୍ତି । ଆଖିରୁ ଧାର ଧାର ହୋଇ ଲୁହ ବହିଯାଉଥାଏ । ଅନେକ ଭକ୍ତ ଏହା ଦେଖି ଭାବବିହ୍ୱଳ ହୋଇଗଲେ । ତାଙ୍କର ମନ, ପ୍ରାଣ ସତେ ଯେପରି ଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହୋଇଯାଇଥିଲା । ଜଣେ ପଣ୍ଡା ତାଙ୍କୁ ସନ୍ନ୍ୟାସୀ ଭାବି ବଡ଼ପଣ୍ଡାଙ୍କୁ ଖବର ଦେଲେ । ପଣ୍ଡା ଆସିଲାବେଳକୁ ସେ ସ୍ଥାନ ପରିତ୍ୟାଗ କରିସାରିଥାଆନ୍ତି । ବଡ଼ପଣ୍ଡା ଗୋବର୍ଦ୍ଧନ ପୀଠରେ ଶିବାନନ୍ଦଙ୍କ ସଂସ୍ପର୍ଶରେ ଆସିଲେ । ତାଙ୍କ ବିଷୟରେ ଜାଣି ପ୍ରବଚନ ଦେବା ପାଇଁ ଅନୁରୋଧ କଲେ।

ଗୈରିକ ବସନଧାରୀ ଲଣ୍ଡିତ ମୁଣ୍ଡ । କପାଳରୁ ଜ୍ୟୋତି ବାହାରୁଥାଏ । ଜଙ୍ଗଲରେ ରହୁଥିବା ହିଂସ୍ରଜନ୍ତୁମାନେ ସାଧକଙ୍କର କ୍ଷତି କରନ୍ତି ନାହିଁ । ସେମାନେ ଅହିଂସା ଆଚରଣ କରନ୍ତି । ସିଂହଦ୍ୱାର ନିକଟରେ ତାଙ୍କର ଭାଷଣ ଆରମ୍ଭ ହେଲା । ଜନତା ତାଙ୍କ ଭାଷଣ ମନ୍ତ୍ର ମୁଗ୍ଧ ହୋଇ ଶୁଣୁଥାଆନ୍ତି । ତାଙ୍କ ସଂଗୀତ ଯେପରି ଆନନ୍ଦ ଦିଏ, ତାଙ୍କ କଥା ଅମୃତ ପରି ଜଣା ପଡୁଥାଏ ।

ସନ୍ନ୍ୟାସୀଙ୍କୁ ପରୀକ୍ଷା କରିବା ପାଇଁ, ଜଣେ ଭକ୍ତ ମୂଷାଟିଏ ଓ ଆଉଜଣେ ଭକ୍ତ ବିରାଡ଼ିଟିଏ ସଭାସ୍ଥଳକୁ ଛାଡ଼ିଦେଲେ । ମୂଷା ପ୍ରାଣ ବିକଳରେ ଶିବାନନ୍ଦଙ୍କର ଡାହାଣ ପାଦପାଖରେ ଓ ବିରାଡ଼ି ବାମ ପାଦପାଖରେ ରହି ପ୍ରବଚନ ଶୁଣିଲେ । କେହି କାହାର କ୍ଷତି କଲେ ନାହିଁ ।

ସ୍ୱାମୀ ଶିବାନନ୍ଦଙ୍କର ଶକ୍ତିରେ ସେମାନେ ସାଧୁ ପରି ଆଚରଣ କଲେ । ଶେଷରେ ସେ ଭକ୍ତ ଦୁଇଜଣ ସ୍ୱାମୀଙ୍କ ନିକଟରେ ନିଜ ପ୍ରାୟଶ୍ଚିତ ପାଇଁ ଶରଣାପନ୍ନ ହେଲେ । ନିଜର ଦୋଷ ସ୍ୱୀକାର କଲେ । ସମସ୍ତେ ସ୍ୱାମୀଙ୍କର ଭାଷଣ ଶୁଣି ବିହ୍ୱଳ ହୋଇଗଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅନେକ ଲୋକ

ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ସେ "ଦିବ୍ୟଜୀବନ ସଂଘ" ଜରିଆରେ ବହୁ କାମ କରିଛନ୍ତି । ତାଙ୍କର ଆଦର୍ଶ ଆମ ଜୀବନର ଧ୍ୟେୟ ହେଉ ।

**କେତୋଟି ନୂଆ ଶବ୍ଦ ଜାଣିବା**

| | | |
|---|---|---|
| ଅହିଂସା | ବିହ୍ୱଳ | ଆଶୀର୍ବାଦ |
| ନମସ୍ୟ | ସ୍ୱୀକାର | ସମାଚାର |
| ସନ୍ନ୍ୟାସୀ | ଶିଷ୍ୟତ୍ୱ | ପରଂବ୍ରହ୍ମ |

## ପ୍ରଶ୍ନାବଳୀ

୧. **ଆସ ନିଜ ଭିତରେ ଆଲୋଚନା କରିବା ।**

(କ) କେଉଁମାନଙ୍କର ଅବଦାନକୁ ଏ ମାଟି ଭୁଲିପାରିବ ନାହିଁ ?

(ଖ) ଶିବାନନ୍ଦ ପିଞ୍ଜରାରୁ ପକ୍ଷୀ ଉଡ଼ିଲା ପରି, କେଉଁଠାରେ ମିଶିବାକୁ ଚାହୁଁଥିଲେ ?

(ଗ) କେଉଁ ସ୍ଥାନରେ ସେ ସାଧନାରେ ରତ ରହିଲେ ?

(ଘ) ଗରୁଡ଼ ଖମ୍ବ ନିକଟରେ ସେ କେଉଁ ଗୀତ ବୋଲୁଥିଲେ ?

(ଙ) ସାଧନା ବଳରେ ସେ କ'ଣ ପାଇଲେ ?

(ଚ) ସେ କ'ଣ ବୁଝିବା ପାଇଁ ସଂସାର ଛାଡ଼ିଥିଲେ ?

୨. **ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖ ।**

(କ) 'ତୁଳସୀ ଦୁଇ ପତ୍ରରୁ ବାସେ' - ଏହାର ଅର୍ଥ ଶିବାନନ୍ଦଙ୍କ ଜୀବନରେ କିପରି ଦେଖାଦେଇଥିଲା ଲେଖ ।

(ଖ) 'ସାଧନା ବଳରେ ହିଂସ୍ର ଜନ୍ତୁ ସାଧକର କିଛି କ୍ଷତି କରେନାଁ' - ଏ ଉକ୍ତି ତାଙ୍କ ଜୀବନରେ କିପରି ଅନୁଭବ ହୋଇଥିଲା ବୁଝାଇ ଲେଖ ।

୩. **ତଳଲିଖିତ ବନ୍ଧନୀରୁ ଠିକ୍ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କରିବା ।**

(କ) ସ୍ୱାମୀ ଶିବାନନ୍ଦ __________ ଫଳରେ ଦିବ୍ୟ ଜୀବନ ସଂଘ ଗଢ଼ିଲେ ।

(ତପସ୍ୟା, ସାଧନା, ପୂଜାପାଠ)

(ଖ) ବଡ଼ ପଣ୍ଡା __________ ପୀଠରେ ଶିବାନନ୍ଦଙ୍କ ସଂସ୍ପର୍ଶରେ ଆସିଲେ ।

(ବୃନ୍ଦାବନ, ଗୋବର୍ଦ୍ଧନ, ଦ୍ୱାରକା)

(ଗ) ସ୍ୱାମୀ __________ ରେ ଜନ୍ମଗ୍ରହଣ କରିଥିଲେ ।

(କେରଳ, ଚେନ୍ନାଇ, ପଟ୍ଟାମଡ଼ାଇ)

(ଘ) ଭକ୍ତମାନେ ସଭାରେ ତାଙ୍କୁ __________ କଲେ । (ପ୍ରମାଣ, ପରୀକ୍ଷା, ପସନ୍ଦ)

**୪. ଆସ ଦିଆଯାଇଥିବା ଶବ୍ଦକୁ ଲଗାଇ ଗୋଟିଏ ଲେଖାଏଁ ବାକ୍ୟ ଗଢ଼ିବା ।**

ଆଦର୍ଶ, ସାଧନା, ସନ୍ନ୍ୟାସୀ, ଅମୃତ , ନମସ୍ୟ

**୫. ବନ୍ଧନୀ ଭିତରେ କେତେକ ନାମ ଦିଆହୋଇଛି । ଏ ନାମଗୁଡ଼ିକ କାହା ସହ ମେଳ ଖାଉଛି, ତାକୁ ବାଛି ଖାଲି ଯାଗାରେ ଲେଖିବା ।**

**(ଶିବାନନ୍ଦ, ପୁରୀ, ମାଳୟ, ଗଙ୍ଗା, ଗୋବର୍ଦ୍ଧନ, ସିଂହଦ୍ୱାର)**

(କ) ଗୋଟିଏ ପୀଠର ନାମ __________

(ଖ) ଗୋଟିଏ ନଈର ନାମ __________


(ଗ) ଗୋଟିଏ ଧାମର ନାମ __________

(ଘ) ଗୋଟିଏ ସ୍ଥାନର ନାମ __________

(ଙ) ଗୋଟିଏ ଦ୍ୱାରର ନାମ __________

(ଚ) ମହାଋଷିଙ୍କ ନାମ __________

# ୩ ବୈଜ୍ଞାନିକ ଗୋକୁଳାନନ୍ଦ



ଉତ୍କର୍ଷ କଳାର ଦେଶ ଓଡ଼ିଶା । ପ୍ରକୃତିର ରଙ୍ଗ ତୂଳୀରେ ଚିତ୍ରିତ ଏଇ ରାଜ୍ୟ । କେତେ ବୈଜ୍ଞାନିକ, କବି, ଦାର୍ଶନିକ, କଳାକାର ଓ ଶିଳ୍ପୀ ଏ ମାଟିରେ ଜନ୍ମିଛନ୍ତି । ସେମାନଙ୍କ ନିଷ୍ଠା ଓ ସାଧନା ସେମାନଙ୍କୁ ଚିରଦିନ ପାଇଁ ଅଭୁଲା ରଖିଛି ।

ଭଦ୍ରକ ଏକ ପୁରାତନ ସହର । ସେହି ସହରର କୁଆଁସ ଗ୍ରାମରେ ୧୯୨୧ ମସିହାରେ **'ଗୋକୁଳାନନ୍ଦ'** ଭୂମିଷ୍ଠ ହୋଇଥିଲେ । ତାଙ୍କର ବାଲ୍ୟଜୀବନ ଗାଁରେ କଟିଥିଲା । ତାଙ୍କୁ ଯେତେବେଳେ ୯ ବର୍ଷ ହୋଇଥିଲା, ତାଙ୍କ ବାପା ଇହଧାମ ତ୍ୟାଗ କରିଥିଲେ । ଭାଇ ମଧ ଦୁରାରୋଗ୍ୟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । ମାଆଙ୍କର ଅନୁକମ୍ପା ତାଙ୍କୁ ଏତେବଡ଼ ବୈଜ୍ଞାନିକ ହେବାର ପ୍ରେରଣା ଦେଇଥିଲା ।

ଦୁନିଆଁ ଦାଣ୍ଡରେ ସେ ଚାଲିଶିଖିଲେ । ଅଭାବ, ଅନଟନରେ ଜର୍ଜରିତ ଗୋକୁଳାନନ୍ଦ ଅକ୍ଳାନ୍ତ ପରିଶ୍ରମ କଲେ । ପାଠ ପଢ଼ିବା ଯାହାର ନିଶା, ସେ ଅଭାବକୁ ଖାତିର କରେ ନାହିଁ ।

ଇଚ୍ଛାଶକ୍ତି ଆଗରେ ଆର୍ଥିକ ଶତ୍ରୁ ହାର୍ ମାନେ । ପ୍ରତିଭାର ବିକାଶ ଆଗରେ ଦାରିଦ୍ର୍ୟ ମୁଣ୍ଡ ନୁଆଁଏ । ମାଟ୍ରିକ୍ ପାଶ୍ କରିବା ପରେ ସେ ରେଭେନ୍ସା କଲେଜରେ ବି.ଏସ୍.ସି. ପାଶ୍ କରି ପ୍ରେସିଡେନ୍ସି

କଲେଜରେ ଏମ୍.ଏସ୍.ସି. ପଢ଼ିଲେ । କୃତିତ୍ୱର ସହିତ ପାଶ୍ କରି ରେଭେନ୍ସା କଲେଜରେ ଅଧାପକ ଚାକିରି କଲେ ରସାୟନ ବିଭାଗରେ । ମାସିକ ଦରମା ହେଲା ଶହେଦଶ ଟଙ୍କା । ସେଥିରେ ସେ ସଂସାର ଚଳାଇଲେ ।

ଅଭାବର ସମ୍ମୁଖୀନ ହେଲେ ବି ସେ ପ୍ରଗତି ପଥରୁ ଓହରି ଯାଇନାହାନ୍ତି । ଓଡ଼ିଶାରେ ବିଜ୍ଞାନ କ୍ଷେତ୍ରକୁ ତାଙ୍କର ଦାନ ଅବିସ୍ମରଣୀୟ । ବିଜ୍ଞାନକୁ ଓଡ଼ିଆ ଭାଷାରେ ସରଳ ଭାବରେ ଲେଖି, ପାଠକ ସମାଜକୁ ଆଲୋକ ଦେଖାଇ ପାରିଛନ୍ତି । ବିଜ୍ଞାନକୁ ସବୁ ଲୋକଙ୍କ ପାଖରେ ପହଞ୍ଚାଇ ଦେଇଛନ୍ତି ।

ବିଜ୍ଞାନ ଦେଇଛି ବେଗ । ନୂତନତତ୍ୱର ସନ୍ଧାନରେ ସେ ଆଗେଇ ଚାଲିଛନ୍ତି । ଲୋକପ୍ରିୟ ହୋଇପାରିଛି ବିଜ୍ଞାନ । ଓଡ଼ିଶାର କେବଳ ଜଣେ ଖ୍ୟାତନାମା ବୈଜ୍ଞାନିକ ନହୋଇ ସାରା ଭାରତରେ ନାମୀଦାମୀ ବୈଜ୍ଞାନିକଙ୍କ ମଧରେ ଅଗ୍ରଗଣ୍ୟ ହୋଇଛନ୍ତି **'ଗୋକୁଳାନନ୍ଦ'** ।

୧୯୫୭ ମସିହାରେ 'ଫଙ୍ଗସ୍' ଏବଂ ୧୯୬୩ରେ 'ଆମେରିକା କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ରିସର୍ଚ୍ଚ ସେଣ୍ଟର'ରେ ମଣିଷ ଦେହର **'ଜିନ୍'** ଭିତରେ ଥିବା ଡି.ଏନ୍.ଏ.ର ସଂରଚନା ପରି ଦୁଇଗୋଟି ତଥ୍ୟର ଉଦ୍ଭାବନ ସେ କରିଥିଲେ ।

ସେ ଦେଇଛନ୍ତି ଭବିଷ୍ୟତ ବଂଶଧରମାନଙ୍କୁ ନୂତନ ସନ୍ଦେଶ । ଏକାଧାରରେ ସେ ଜଣେ ବୈଜ୍ଞାନିକ ଓ ଶିକ୍ଷାବିତ୍ ମଧ୍ୟ । ରେଭେନ୍ସା କଲେଜରେ ଥିବା ସମୟରେ ବିଜ୍ଞାନ ରଚନା ପ୍ରତି ତାଙ୍କର ମନ ବଳିଲା । ବିଜ୍ଞାନ ତଥ୍ୟ ସମ୍ବଳିତ ଲେଖାକୁ ପ୍ରଚାର ଓ ପ୍ରସାର କରିବାର ନିଶା ତାଙ୍କର ପାଠ ପଢ଼ିବା ବେଳର ଉଦ୍ୟମ ।

ସବୁ ଶ୍ରେଣୀର ଲୋକଙ୍କ ପାଇଁ ତାଙ୍କ ଲେଖାର ଉପାଦେୟତା ରହିଛି । ସେ ବିଜ୍ଞାନଭିତ୍ତିକ ଗଳ୍ପ, ଉପନ୍ୟାସ ରଚନା କରିଛନ୍ତି । ଲେଖିବା ଗୋକୁଳାନନ୍ଦଙ୍କ ଜୀବନରେ ଗୋଟିଏ ନିଶା ହୋଇଯାଇଥିଲା ।

"ବିଜ୍ଞାନ ଜ୍ଞାନ କୋଷ" ପରି ଅମୂଲ୍ୟ ବିଜ୍ଞାନ ଗ୍ରନ୍ଥ ରଚନା କରି ସେ ସାରସ୍ୱତ କ୍ଷେତ୍ରରେ ଯଶସ୍ୱୀ ଲେଖକ ଭାବେ ପରିଚିତ । ସେ ଭୂତ, ପ୍ରେତ, ପୂର୍ବଜନ୍ମ, ପାପ ଓ ପୁଣ୍ୟରେ ବିଶ୍ୱାସ କରନ୍ତି ନାହିଁ ।

ସେ ଜଣେ କିମ୍ବଦନ୍ତୀ ପୁରୁଷ । ସେ ବିଜ୍ଞାନର ପ୍ରଚାରକ, ବିଜ୍ଞାନ ବିଶାରଦ, ସାହିତ୍ୟିକ ତଥା କଳାକାରମାନଙ୍କୁ ପ୍ରତିବର୍ଷ ମାନପତ୍ର, ଉତ୍ତରୀୟ ଦେଇ ସମ୍ମାନିତ କରିଥାନ୍ତି । ସମ୍ମାନ ଆକାରରେ ସେ ଦୁଇହଜାରରୁ ପାଞ୍ଚହଜାର ଟଙ୍କା ପର୍ଯ୍ୟନ୍ତ ଦେଇଥାନ୍ତି ।

ସେ ତାଙ୍କ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ "ବିଜୟ ଗୋବିନ୍ଦ ସ୍ମାରକୀ ଦାତବ୍ୟ ଟ୍ରଷ୍ଟ" ଗଠନ କରି

ସମ୍ମାନିତ କରନ୍ତି । ତାଙ୍କର ଲେଖନୀ ଚିର ଜୀବନ୍ତ ହୋଇ ରହିଛି । ସାଧନା ତାଙ୍କର ଚିରସ୍ରୋତା ନଈପରି କୁଳୁକୁଳୁ ନାଦରେ ସମୟ ସହ ତାଳଦେଇ ଗତି କରି ଚାଲିଛି । ସବୁଦିନ ପାଇଁ ସେ ଅମର ରହିଥିବେ ।

**ସୂଚନା :**

ଅକ୍ଳାନ୍ତ - କଠିନ

ଇହଧାମ - ମର୍ତ୍ତ୍ୟ

ସମ୍ମୁଖୀନ - ସାମ୍ନା କରିବା

ଅନୁକମ୍ପା - ଦୟା

ଭୂମିଷ୍ଠ - ମାଟିରେ ଜନ୍ମ ହେବା

ଖ୍ୟାତନାମା - ବିଖ୍ୟାତ

ଚିରସ୍ରୋତା - ସବୁଦିନେ ଜଳର ପ୍ରବାହ ଥିବା

ଉପାଦେୟତା - ଆବଶ୍ୟକତା

ସାଧନା - ଚେଷ୍ଟା

**ଆସ ନୂଆ ଶବ୍ଦକୁ ଜାଣି ମନେରଖିବା ।**

| | | | |
|---|---|---|---|
| ସ୍ମୃତି | ଖ୍ୟାତନାମା | ଅକ୍ଳାନ୍ତ | ଚିରସ୍ରୋତା |
| ଦାରିଦ୍ର୍ୟ | କୃତିତ୍ୱ | ବୈଜ୍ଞାନିକ | ଅନୁକମ୍ପା |

## ପ୍ରଶ୍ନାବଳୀ

**୧. ଆସ ଆମେ କଥା ହେବା ।**

(କ) ଏ ମାଟିରେ କେଉଁମାନେ ଜନ୍ମିଛନ୍ତି ?

(ଖ) କାହାର ଅନୁକମ୍ପାରେ ସେ ବଡ଼ ବୈଜ୍ଞାନିକ ହେଲେ ?

(ଗ) ଗୋକୁଳାନନ୍ଦ କେବେ କୁଆଁସରେ ଜନ୍ମ ହୋଇଥିଲେ ?

(ଘ) ତାଙ୍କ ଦ୍ୱାରା ଗଠିତ ଟ୍ରଷ୍ଟର ନାମ କ'ଣ ଥିଲା ?

(ଙ) ଇଚ୍ଛାଶକ୍ତି ଆଗରେ କିଏ ହାର୍ ମାନେ ?

**୨. ଆସ ଉତ୍ତର ଲେଖିବା ଆରମ୍ଭ କରିବା ।**

(କ) ସେ କ'ଣ କ'ଣ ରଚନା କରିଛନ୍ତି ?

(ଖ) ବିଭିନ୍ନ କ୍ଷେତ୍ରର ଲୋକଙ୍କୁ କି ସମ୍ମାନ ଦିଅନ୍ତି ?

(ଗ) ବିଜ୍ଞାନ ବ୍ୟତୀତ ଆଉ କେଉଁ କ୍ଷେତ୍ରରେ ସେ ସିଦ୍ଧ ହସ୍ତ ଥିଲେ ?

(ଘ) ଏକାଧାରରେ ସେ କ'ଣ ଥିଲେ ?

(ଙ) ତାଙ୍କର ଜନ୍ମ କେଉଁ ଜିଲ୍ଲାରେ ଓ କେବେ ହୋଇଥିଲା ?

୩. **ଯେପରି ବିଜ୍ଞାନରେ ଯେ ଗବେଷଣା କରେ ସେ "ବୈଜ୍ଞାନିକ", ସେହିପରି ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର କ'ଣ ହେବ ଆସ ଲେଖିବା ।**

(କ) ଯେ ଇତିହାସ ଲେଖେ, ସେ ____________

(ଖ) ଯେ ଶିକ୍ଷାଦାନ କରେ, ସେ ____________

(ଗ) ଯେ ଲେଖାଲେଖି କରେ, ସେ ____________

(ଘ) ଯେ ଭାବନାରେ ଥାଏ, ସେ ____________

(ଙ) ଯେ ଦର୍ଶନରେ ଗବେଷଣା କରେ, ସେ ____________

୪. **ଆସ, ନିମ୍ନଲିଖିତ ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଢ଼ିବା ।**

ସମ୍ମୁଖୀନ ____________

ଖ୍ୟାତନାମା ____________

ଇହଧାମ ____________

ଚିରସ୍ରୋତା ____________

ଅନୁକମ୍ପା ____________

୫. **ନିମ୍ନଲିଖିତ ଉତ୍ତର ପାଇବା ପାଇଁ ଆସ ପ୍ରଶ୍ନ ତିଆରି କରିବା ଓ ଲେଖିବା ।**

(କ) ସମ୍ମାନ ଆକାରରେ ସେ ଦୁଇହଜାରରୁ ପାଞ୍ଚହଜାର ଟଙ୍କା ପର୍ଯ୍ୟନ୍ତ ଦେଇଥାଆନ୍ତି ।

(ଖ) ସେ ଭୂତ, ପ୍ରେତ, ପୁନର୍ଜନ୍ମ, ପାପ ଓ ପୁଣ୍ୟରେ ବିଶ୍ୱାସ କରନ୍ତି ନାହିଁ।

(ଗ) ମାଆଙ୍କର ଅନୁକମ୍ପା ତାଙ୍କୁ ଏତେ ବଡ଼ ବୈଜ୍ଞାନିକ ହେବାର ପ୍ରେରଣା ଦେଇଥିଲା।

(ଘ) ଅଭାବ, ଅନଟନରେ ଜର୍ଜରିତ ଗୋକୁଳାନନ୍ଦ ଅକ୍ଲାନ୍ତ ପରିଶ୍ରମ କଲେ।

(ଙ) ତାଙ୍କର ବାଲ୍ୟଜୀବନ ଗାଁରେ କଟିଥିଲା।

୯. ସରଳ ଭାଷାରେ ବୁଝାଇ ଲେଖିବା।

(କ) "ଇଚ୍ଛାଶକ୍ତି ଆଗରେ ଆର୍ଥିକ ଶତ୍ରୁ ହାର ମାନେ"।

(ଖ) ସାଧନା ତାଙ୍କର ଚିରସ୍ରୋତା ନଈପରି କୁଳୁକୁଳୁ ନାଦରେ ସମୟ ସହ ତାଳଦେଇ ଗତି କରି ଚାଲିଛି। ସବୁଦିନ ପାଇଁ ସେ ଅମର ରହିଥିବେ।

୧୦. ଗୋକୁଳାନନ୍ଦଙ୍କପରି ଆଉ କେତୋଟି ବୈଜ୍ଞାନିକଙ୍କ ନାମ ତଳେ ଲେଖ।

________________________________


________________________________

________________________________

________________________________

________________________________

# ୪ ବଡ଼ ମଣିଷଙ୍କ ଅଭୁଲା କଥା



ବାବୁ ତ ବାବୁ ମଧୁବାବୁ । ସେ କଟକ ଜିଲ୍ଲାର ସତ୍ୟଭାମାପୁରରେ ଜନ୍ମ ହୋଇଥିଲେ । ପାଠ ପଢ଼ିଲେ । ବଡ଼ ମଣିଷ ହେବାର ସ୍ୱପ୍ନ ଦେଖିଲେ । ସେ ଲଣ୍ଡନ ମିଶନାରୀ ସୋସାଇଟି କଲେଜରୁ ୧୮୬୮ ମସିହାରେ ଏଫ.ଏ., ୧୮୭୦ ମସିହାରେ ବି.ଏ. ଓ ଫିଚର ଇନ୍‌ଷ୍ଟିଚ୍ୟୁଟରୁ ଇଂରାଜୀରେ ଏମ୍.ଏ. ପାଶ୍ କରି କଲିକତା ବିଶ୍ୱବିଦ୍ୟାଳୟରୁ ୧୮୭୮ ମସିହାରେ ବି.ଏଲ୍. ପାଶ୍ କରିଥିଲେ । ସେ ଆଇନ ଶାସ୍ତ୍ରରେ ସ୍ନାତକ ଡିଗ୍ରୀ ଲାଭ କରିବାରେ ପ୍ରଥମ ଓଡ଼ିଆ ।

ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରି ବାପାଙ୍କର ତ୍ୟାଜ୍ୟପୁତ୍ର ହୋଇଥିଲେ । ସେ ଓକିଲାତି ଆରମ୍ଭ କଲେ କଟକରେ । ପାଠ ହେଉଛି ମଣିଷର ତୃତୀୟ ଚକ୍ଷୁ । ସେ ଥିଲେ ଜଣେ ବିଚକ୍ଷଣ ଓକିଲ । ନିଜର ଜ୍ଞାନ ଓ ଉପସ୍ଥିତ ବୁଦ୍ଧି ବଳରେ ହାରିବା ମକଦ୍ଦମାରେ ଜିତି ଯାଉଥିଲେ । ତାଙ୍କ ବିପକ୍ଷରେ ମକଦ୍ଦମା ଲଢ଼ିବାକୁ ଅନ୍ୟ ଓକିଲମାନେ ରାଜି ହେଉନଥିଲେ ।

ଥରେ ଗୋଟିଏ ପକ୍ଷ ଅନ୍ୟପକ୍ଷକୁ କୁରାଢ଼ିରେ ହାଣି ଦେଇଥାଏ । ତା'ର ମୃତ୍ୟୁ ହୋଇଥାଏ ।

ମଧୁବାବୁ ଲଢୁଥାନ୍ତି । ହତ୍ୟାକାରୀର ପକ୍ଷ ନେଇ ଜେରା ଚାଲିଥାଏ । ମଧୁବାବୁ କେବଳ ଶୁଣୁଥାନ୍ତି । ଡାକ୍ତର କହିଲେ - "ମୁଦାଲା କୁରାଢ଼ିର ଚୋଟ ଲୋକ ମୁଣ୍ଡରେ ଥିବା ହାଡ଼ରେ ବସିଲା ଓ ସେ ମରିଗଲା ।"

ମଧୁବାବୁ ଡାକ୍ତରଙ୍କୁ ଜେରାକଲେ । ଥଳିରୁ ମଣିଷ ମୁଣ୍ଡର ଖପୁରି ବାହାର କଲେ । ଡାକ୍ତରଙ୍କୁ ପଚାରିଲେ - "ଏବେ କୁହନ୍ତୁ, ମୁଣ୍ଡର କେଉଁ ହାଡ଼ରେ କୁରାଢ଼ି ଚୋଟ ବାଜିଲା ?" ଡାକ୍ତର ଜଣକ ମନଇଚ୍ଛା ହାଡ଼ର ନାଁ ବତାଇ ଦେଲେ । ମଧୁବାବୁ ଡାକ୍ତରଙ୍କୁ କହିଲେ - "ନାଲି ପେନ୍‌ସିଲ୍‌ରେ ଗାର ପକାଇ କୁହ ।" ଡାକ୍ତର ଭୁଲ୍ ହାଡ଼ରେ ଗାର ଦେଇଥିବାରୁ ମଧୁବାବୁ ଶରୀର ବିଜ୍ଞାନ ବହି ବାହାର କରି କାଟିଦେଉଥାନ୍ତି । ସଂଶୋଧନ ପରେ ଗାରଗୁଡ଼ିକ କୁରାଢ଼ି ଚୋଟ ପରି ନହୋଇ କରମଙ୍ଗିଆ ହୋଇଗଲା।

ଡାକ୍ତରଙ୍କ ମୁଣ୍ଡ ତଳକୁ ହୋଇଗଲା । ତାଙ୍କର ରିପୋର୍ଟ ମିଛ ବୋଲି ପ୍ରମାଣ କଲେ ମଧୁବାବୁ । ଶେଷରେ ସେ ମକଦ୍ଦମା ଜିଣିଗଲେ । ଏହା ଦେଖି ସମସ୍ତେ ଧନ୍ୟ, ଧନ୍ୟ କହିଲେ ।

ଆଉ ଥରେ ମଫସଲିଆ ବୁଢ଼ୀଟିଏ ଆସି ମଧୁବାବୁଙ୍କ ପାଖରେ ପହଞ୍ଚି ତା'ର ଦୁଃଖ ଦୁର୍ଦ୍ଦଶା ଜଣାଇଲା । ସେ ତ ନାମଜାଦା ଓକିଲ ବୋଲି ବୁଢ଼ୀ ଜାଣିଥିଲା । ମଧୁବାବୁ ଗରିବଙ୍କର ବାପ ମାଆ । ବୁଢ଼ୀ ତାଙ୍କୁ ପଚାରିଲା ବୈଠକଖାନାରେ "ମଧୁବାବୁ କାହାନ୍ତି ? ମୁଁ ତାଙ୍କ ପାଖରେ ଦୁଃଖ ଜଣାଇବାକୁ ଆସିଛି ।"

ମଧୁବାବୁ କହିଲେ, "ମୁଁ ମଧୁବାବୁ। ତମର ଯାହା କହିବାର ଅଛି କୁହ ।"

ବୁଢ଼ୀ କହିଲା - ''ମୋର କେହି ଆଶ୍ରା ହେବାକୁ ନାହିଁ । ମୋର ଜମିକୁ ଗାଁର ମୁଖିଆ ଲୋକେ ମାଡ଼ି ବସିଛନ୍ତି । ତାଙ୍କ ସହିତ ଲଢ଼ିବାକୁ ମୋର ବଳ ନାହିଁ।''

ବୁଢ଼ୀର ସାହସକୁ ମଧୁବାବୁ ଧନ୍ୟବାଦଦେଲେ । ଜମି ରାସ୍ତା କଡ଼ରେ ଥିବାରୁ ସେ ବୁଢ଼ୀକୁ କହିଲେ, ''ଗାଁକୁ ଯାଇ ଜମିକୁ ଲଗାଇ ଗୋଟିଏ ନାଳ ଖୋଳିଦେ । ମୁଁ ଗାଁକୁ ଯାଇ ସବୁ ବୁଝିବି । ଏ କଥା କାହା ଆଗରେ କହିବୁ ନାହିଁ।''

ମଧୁବାବୁଙ୍କ କଥା ଅନୁସାରେ ବୁଢ଼ୀ ସେଇଆ କଲା । କାଳିଆ ଘୋଡ଼ାରେ ଚଢ଼ି ମଧୁବାବୁ ଗାଁରେ ପହଞ୍ଚି ଗର୍ଜନ କରି କହିଲେ - "ଏ ଜମିରେ କିଏ ନାଳ ଖୋଳିଛି ? ଏ ଜମି କାହାର ? ସେ ନାଳରେ ମୋ ଘୋଡ଼ାର ଗୋଡ଼ ଜଖମ ହୋଇଗଲା ।" ଗାଁର ସବୁ ଲୋକେ କହିଲେ - "ଏ ଜମି ବୁଢ଼ୀର । ବୁଢ଼ୀ ପାଣି ମଡ଼ାଇବାକୁ ନାଳ ଖୋଳିଛି ।"

ମଧୁବାବୁ କହିଲେ - "ତୁମେମାନେ ଗୋଟିଏ କାଗଜରେ ଲେଖିଦିଅ ସେ ଜମି ବୁଢ଼ୀର । ବୁଢ଼ୀକୁ ସଜା ମିଳିବ ।" ଏକଥା ଶୁଣି ସମସ୍ତେ ଖୁସି ହୋଇ ଲେଖିଦେଲେ । ବୁଢ଼ୀକୁ ଡକା ହେଲା । ବୁଢ଼ୀ ଆସିଲା ।

ଗାଁ ଲୋକମାନେ କାଗଜରେ ଦସ୍ତଖତ କରିଥିଲେ।

ଲୋକେ ଚାହିଁଥାଆନ୍ତି । ବୁଢ଼ୀକୁ କି ସାଜା ମିଳିବ ବୋଲି । ମଧୁବାବୁ ବୁଢ଼ୀ ହାତକୁ କାଗଜଟିକୁ ବଢ଼େଇ ଦେଲେ । ତାକୁ କହିଲେ, "ଏଣିକି ଆଜିଠୁଁ ଏ ଜମି ତୋର ହେଲା । ତୁ ତୋ ଜମିକୁ ଚାଷ କର ।" ମଧୁବାବୁଙ୍କ ବୁଦ୍ଧି ଓ କୌଶଳ ଦେଖି ଗାଁ ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ । ଧନଠାରୁ ଜ୍ଞାନ ଓ କୌଶଳ ବଡ଼ । ଜ୍ଞାନଠାରୁ ବୁଦ୍ଧି ବଡ଼ ବୋଲି ଏହା ପ୍ରମାଣ କଲେ ମଧୁବାବୁ । ସେଇଦିନଠାରୁ ବୁଢ଼ୀ ସେ ଜମିକୁ ଭୋଗ ଦଖଲ କରି ଖାଉଛି । ମଧୁବାବୁଙ୍କୁ ନିତି ମୁଣ୍ଡିଆ ମାରୁଛି । ଧନ୍ୟ ମଧୁବାବୁ, ଧନ୍ୟ ତୁମ ବୁଦ୍ଧି !

## ସୂଚନା:

ଗର୍ଜନ - ଜୋରରେ ପାଟି କରିବା

ଆଶ୍ଚର୍ଯ୍ୟ - କାବା ହୋଇଯିବା

ସଜା - ଜେଲ୍‌ଦଣ୍ଡ

ରିପୋର୍ଟ - ଲିଖିତ ତଥ୍ୟ

ଦୁର୍ଦ୍ଦଶା - ଖରାପ ଅବସ୍ଥା

**ଆସ, ଆମେ ନୂଆ ଶବ୍ଦକୁ ଜାଣିବା ।**

| | | |
|---|---|---|
| ସ୍ୱପ୍ନ | ସ୍ନାତକ | ବିଚକ୍ଷଣ |
| ତ୍ୟାଜ୍ୟ | ଦୁର୍ଦ୍ଦଶା | ଅନୁସାରେ |
| ବୁଦ୍ଧି | ଆଶ୍ଚର୍ଯ୍ୟ | ସଂଶୋଧନ |

# ପ୍ରଶ୍ନାବଳୀ

## ୧. ଆସ ମିଳିମିଶି ଆଲୋଚନା କରିବା ।

(କ) ମଧୁବାବୁ କଟକ ଜିଲ୍ଲାର କେଉଁଠାରେ ଜନ୍ମ ହୋଇଥିଲେ ?

(ଖ) କାହା ବଳରେ ହାରିବା ମକଦ୍ଦମାରେ ମଧୁବାବୁ ଜିତୁଥିଲେ ?

(ଗ) ଡାକ୍ତର କାହିଁକି ମଧୁବାବୁଙ୍କ ନିକଟରେ ମୁଣ୍ଡ ନୁଆଁଇଲେ ?

(ଘ) ଧନଠାରୁ କିଏ ବଡ଼ ?

(ଙ) ପାଠ ମଣିଷର କ'ଣ ?

୨. ସରଳ ଭାଷାରେ ବୁଝାଇ ଲେଖ।

(କ) ପାଠ ହେଉଛି ମଣିଷର ତୃତୀୟ ଚକ୍ଷୁ।

(ଖ) ଧନଠାରୁ ଜ୍ଞାନ ଓ କୌଶଳ ବଡ଼।

୩. ନିମ୍ନରେ ଦିଆଯାଇଥିବା ଶବ୍ଦକୁ ନେଇ ଗୋଟିଏ ଲେଖାଏଁ ବାକ୍ୟ ଗଢ଼।

ଦୁର୍ଦ୍ଦଶା ____________________

ଆଶ୍ଚର୍ଯ୍ୟ ____________________

ବିଚକ୍ଷଣ ____________________

ଧର୍ମ ଗ୍ରହଣ ____________________

ସଜା ____________________

କୌଶଳ ____________________

ବୈଠକଖାନା ____________________

୪. ଆସ ଉତ୍ତର ଲେଖିବା।

(କ) କିପରି ମଧୁବାବୁ ବୁଢ଼ୀକୁ ଜମି ଦଖଲ ଦେଲେ ?

(ଖ) ବୁଢ଼ୀ ତାଙ୍କୁ ବୈଠକଖାନାରେ କ'ଣ ପଚାରିଲା ?


(ଗ) ଥଳିରୁ ମଧୁବାବୁ କ'ଣ ବାହାର କଲେ ?

(ଘ) ମଧୁବାବୁ କ'ଣ କହିଲେ ବୁଢ଼ୀକୁ କରିବାକୁ ?

୫. ଯେପରି 'ସଂଜ'ର ବିପରୀତ ଶବ୍ଦ 'ସକାଳ' ହୁଏ, ସେହିପରି ତଳେ ଦିଆଯାଇଥିବା ଶବ୍ଦର କ'ଣ ହେବ, ଆସ ଲେଖିବା କୋଠରୀ ଭିତରେ।

| | | | | | |
|---|---|---|---|---|---|
| ମୂର୍ଖ | | ରଜନୀ | | ମାଲିକ | |
| ଉନ୍ନତି | | ସୁନ୍ଦର | | ସରୁ | |
| ଜ୍ଞାନୀ | | ଶିକ୍ଷିତ | | ହାରିବା | |


୬. କବାଟର ବାମ ପଟରେ ଯୋଡ଼ା ଶବ୍ଦ ଅଛି ଓ ଆର ଭାଗଟି ଡାହାଣ ପଟରେ ଅଛି । ତେବେ କାହା ସହ କାହାର ସଂପର୍କ ଅଛି କୋଠରୀ ଲେଖିବା ।



| | | |
|---|---|---|
| କଳି | ଓକିଲ | କଳି–କଜିଆ |
| କଟକ | ବିଶ୍ୱବିଦ୍ୟାଳୟ | |
| ଆଇନ୍ | ବଳରେ | |
| ଜେଲ୍ | ପାଠ | |
| ବୁଦ୍ଧି | ଦଣ୍ଡ | |
| କଲିକତା | ଜିଲ୍ଲା | |
| ବିଚକ୍ଷଣ | କଜିଆ | |

୭. ମଧୁବାବୁଙ୍କ ବିଷୟରେ ଯାହା ଜାଣିବାକୁ ପାଇଲେ, ପାଞ୍ଚଟି ବାକ୍ୟରେ ଲେଖିବା ।

# ୪ କମାରଶାଳରୁ ପ୍ରୟୋଗଶାଳ



ଦିନେ ଜଣେ ଯୁବକ ସହରରେ ବୁଲୁଥିଲେ । ବାଟରେ କମାରଶାଳଟିଏ ଦେଖିଲେ । କେତେ ଲୋକ ଜମା ହୋଇଥାଆନ୍ତି । ସେ ଭିଡ଼ ଭିତରକୁ ପଶି ଦେଖିଲେ ଯେ, ଜଣେ ଲୋକ କୁକୁର କାମୁଡ଼ାର ଚିକିତ୍ସା ପାଇଁ ଆସିଛି । କମାର ଜଣକ ଖଣ୍ଡେ ଗରମ ଲୁହାକୁ କୁକୁର କାମୁଡ଼ିଥିବା କ୍ଷତ ଜାଗାରେ ଲଗାଇ ଦେଲା । ଯନ୍ତ୍ରଣାରେ ଲୋକଟି ଚିତ୍କାର କରୁଥାଏ । ଏହି ଘଟଣା ଯୁବକ ଜଣକ ମନରେ ଖୁବ୍ ଦୁଃଖ ଦେଲା । ସେହିଦିନରୁ ସେ କୁକୁର କାମୁଡ଼ା ପାଇଁ ଉପଯୁକ୍ତ ଚିକିତ୍ସା ପଦ୍ଧତି ବାହାର କରିବାର ସଂକଳ୍ପ ନେଲେ । "ଆଗ୍ରହ ଥିଲେ, ଗବେଷଣାରେ ସଫଳ କାମ ହେବା ନିଶ୍ଚିତ ।" ତେଣୁ ସେ ଆଗ୍ରହର ସହିତ ଲାଗିଗଲେ । ଚିତ୍ର ଆଙ୍କିବା ଥିଲା ତାଙ୍କର ପିଲା ଦିନର ସଉକ । ସେ ଅନେକ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କୁଥିଲେ । ପାଠପଢ଼ା ସାଙ୍ଗକୁ ଚିତ୍ର ଅଙ୍କନ କରିବା ତାଙ୍କର ଗୋଟିଏ ଅଭ୍ୟାସରେ ପରିଣତ ହୋଇଯାଇଥିଲା ।

ସେ ଆଉ କେହି ନୁହଁନ୍ତି । ମହାନ ବୈଜ୍ଞାନିକ **'ଲୁଇ ପାସ୍ତୁର'** । ଫ୍ରାନ୍ସର ଏରବୟସ ସହରରେ ତାଙ୍କର ଜନ୍ମ ହୋଇଥିଲା ୧୮୨୨ ମସିହାରେ । ତାଙ୍କ ବାପାଙ୍କର ନାଁ ଥିଲା ଜିନ୍ ଯୋସେଫ୍ । ସେ ଚମଡ଼ା ବ୍ୟବସାୟ କରୁଥିଲେ । ପାଠପଢ଼ା ପରେ ସେ ପ୍ରଥମେ ଷ୍ଟ୍ରାସ୍‌ବର୍ଗ ଓ ପରେ ଲିଲେ ବିଶ୍ୱବିଦ୍ୟାଳୟରେ ରସାୟନ ବିଭାଗର ପ୍ରଫେସର ହେଲେ ।

ଗବେଷଣା କାମ ଆଗେଇଲା ଦ୍ରୁତ ଗତିରେ । ଛେନା, ମଦ, କ୍ଷୀର ବହୁଦିନ ରହିବା ପରେ ଖରାପ କାହିଁକି ହେଉଛି, ସେ ବିଷୟରେ ଗବେଷଣା ଆରମ୍ଭ କଲେ । ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ସେ ଦେଖିଲେ କେତେକ ଜୀବାଣୁ ସେଥିରେ ଲାଗିଛନ୍ତି । କ୍ଷୀର ଗରମ ହେଲାପରେ ସେ ଜୀବାଣୁଗୁଡ଼ିକ ନଷ୍ଟ ହୋଇଗଲେ । ଏହା ଦେଖି ସେ ଆନନ୍ଦିତ ହୋଇ ''ଜର୍ମ ଥିଓରି'' ଆବିଷ୍କାର କଲେ ।

ଜଳାତଙ୍କ ରୋଗର ପ୍ରତିଷେଧକ ଟିକା ପାଇଁ ଗବେଷଣା କଲେ । ଗବେଷଣାରେ ସଫଳକାମ ହେଲେ । ଟିକା ଆବିଷ୍କାର କରି ଜଳାତଙ୍କ ରୋଗରୁ ପଶୁମାନଙ୍କୁ ରକ୍ଷା କଲେ । କାଳକ୍ରମେ '**ଲୁଇ ପାସ୍ତୁରଙ୍କର**' ଟିକା ବ୍ୟବହୃତ ହେବାକୁ ଲାଗିଲା । ''**ସେମ୍ପେଲ ଭେକସିନ୍**'' ସରକାରୀ ଚିକିତ୍ସା ଅନୁଷ୍ଠାନରେ ମାଗଣାରେ ମିଳେ ।

ଏହି ଟିକା କନିର୍ଭଲ, କୁନୁର, ହାଇଦ୍ରାବାଦ, ବରୋଦା ଓ ମୁମ୍ବାଇ ପ୍ରଭୃତି ଭାରତର କେତେକ ଅନୁଷ୍ଠାନରେ ତିଆରି ହେଉଛି ।

ବିଜ୍ଞାନକୁ ଲୋକମାନଙ୍କ ସେବାରେ ଲଗାଇବା ପାଇଁ ଲୁଇ ପାସ୍ତୁର ଯେଉଁ ପଦକ୍ଷେପ ନେଇଥିଲେ, ତାହା ଫଳପ୍ରଦହେଲା । ମଣିଷର ମଙ୍ଗଳକାମୀ ହେଉଛି ବୈଜ୍ଞାନିକମାନଙ୍କର ଗବେଷଣାଲବ୍ଧ ଔଷଧମାନ । ଦେଶ, ଦେଶାନ୍ତରରେ ସେମାନଙ୍କର ସାଧନାର ସୁଫଳ ଚିର ଜାଜ୍ଜୁଲ୍ୟମାନ ହୋଇ ରହିଛି ।

ମଣିଷ ସିନା ନଶ୍ୱର ଦେହ ତ୍ୟାଗ କରି ଚାଲିଯାଏ ଇହଧାମରୁ, ହେଲେ ତା'ର ପରିଶ୍ରମର ଫଳ ଦେଶବାସୀ ଭୋଗ କରନ୍ତି । ସେ ତାଙ୍କର ନୂତନ ଟିକାକୁ ପ୍ରଥମ ଥର ପାଇଁ ୧୪ଟି ଇଞ୍ଜେକସନ୍ ରୂପେ ବ୍ୟବହାର କଲେ । ଏହି ଟିକା ଛେଳି ଓ ମେଣ୍ଢାମାନଙ୍କର ମସ୍ତିଷ୍କ କୋଷରୁ ତିଆରି ହୋଇଥାଏ ।

ସେ ସବୁଦିନ ପାଇଁ ଆଦୃତ ହେଉଥିବେ । ଫ୍ରାନ୍ସର ପ୍ୟାରିସ୍‌ସ୍ଥିତ ଲୁଇ ପାସ୍ତୁରଙ୍କ ପ୍ରୟୋଗଶାଳାଟି "ପାସ୍ତୁର ଇନ୍‌ଷ୍ଟିଚ୍ୟୁଟ୍" ନାମରେ ପରିଚିତ । ସେ ଜୀବନକୁ ଗବେଷଣାଗାରରେ ବିତାଇ ଥିଲେ । ସୁଖ ସମ୍ଭୋଗକୁ ତ୍ୟାଗ କରି ଲୋକମାନଙ୍କ ନିମନ୍ତେ ବିଜ୍ଞାନକୁ ମଙ୍ଗଳକାମୀ କରାଇବାରେ ସେ ଥିଲେ ଦ୍ୱିତୀୟ ଭଗବାନ । କୁକୁର କାମୁଡ଼ା ଇଞ୍ଜେକ୍ସନର ଉଦ୍ଭାବକ ଭାବେ ସେ ବିଶ୍ୱ ବନ୍ଦିତ ।

୧୮୯୫ ମସିହାରେ ସେହି ମହାନ୍ ବୈଜ୍ଞାନିକ ଗାରଚେସ ସ୍ଥାନରେ ଇହଲୀଳା ସମ୍ବରଣ କରିଥିଲେ । ଜୀବନର ପ୍ରତିଟି ମୁହୂର୍ତ୍ତ ଥିଲା ତାଙ୍କ ନିକଟରେ ମୂଲ୍ୟବାନ । ସମୟକୁ ସେ ଅଯଥା କଟାଉ ନଥିଲେ । ସେ ସବୁଦିନ ପାଇଁ ଆମର ହୃଦୟ ଆସନରେ ରହିଥିବେ ।

## ସୂଚନା:

ପ୍ରୟୋଗଶାଳା - ଗବେଷଣା କାର୍ଯ୍ୟ ହେଉଥିବାର ଘର

ଫଳପ୍ରସୂ - ସଫଳ

ଇହଧାମ - ମର୍ତ୍ତ୍ୟ

ସ୍ଥିତ - ଥିବା

ମଙ୍ଗଳମୟୀ - ମଙ୍ଗଳ କରେ ଯିଏ,          ସମ୍ବରଣ - ତ୍ୟାଗ

ଅଣୁବୀକ୍ଷଣ - ଯେଉଁ ଯନ୍ତ୍ର ଦ୍ୱାରା ଅତି ଛୋଟ ଜିନିଷକୁ ବଡ଼ କରି ଦେଖିହୁଏ

ଜଳାତଙ୍କ ରୋଗ - କୁକୁର କାମୁଡ଼ା ପରେ ହେଉଥିବା ଏକ ରୋଗ

**ଆସ, ନୂଆ ଶବ୍ଦ ଜାଣିବା ।**

| | | | |
|---|---|---|---|
| ଆବିଷ୍କାର | ପ୍ରତିଷେଧକ | ଦେଶାନ୍ତର | ମଙ୍ଗଳକାମୀ |
| ଜଳାତଙ୍କ | ବ୍ୟବହୃତ | ଗବେଷଣା | ଫଳପ୍ରସୂ |

# ପ୍ରଶ୍ନାବଳୀ

### ୧. ଆସ, ଆମେ କୁହାକୁହି ହେବା ।

(କ) ବୈଜ୍ଞାନିକଙ୍କର କେଉଁ ସହରରେ ଜନ୍ମ ହୋଇଥିଲା ?

(ଖ) ସେ ପ୍ରଥମେ କେଉଁ ବିଭାଗରେ ଅଧ୍ୟାପନା କଲେ ?

(ଗ) ପ୍ରଥମେ କେଉଁ ଜିନିଷ ଉପରେ ସେ ଗବେଷଣା କଲେ ?

(ଘ) ଏହି ଟିକା କେଉଁ ଯାଗାରେ ତିଆରି ହେଉଛି ?

(ଙ) କାହାର ମସ୍ତିଷ୍କ କୋଷରୁ ଏ ଟିକା ତିଆରି ହୋଇଥାଏ ?

(ଚ) ପ୍ରଥମେ ଟିକାକୁ କେତୋଟି ଇଞ୍ଜେକ୍ସନ ରୂପେ ବ୍ୟବହାର କଲେ ?

## ୨. ଆସ, ଉତ୍ତର ଖୋଜି ବାହାର କରିବା ।

(କ) କମାରଶାଳର ଭିଡ଼ ଭିତରକୁ ପଶି ସେ କ'ଣ ଦେଖିଲେ ?

(ଖ) ଲୁଇପାସ୍ତୁର ପାଠପଢ଼ା ସାଙ୍ଗକୁ ଆଉ କ'ଣ କରୁଥିଲେ ?

(ଗ) ପ୍ୟାରିସ୍ ସହରରେ ତାଙ୍କ ପ୍ରୟୋଗଶାଳା କେଉଁ ନାମରେ ପରିଚିତ ?

(ଘ) ପଶୁମାନଙ୍କୁ କେଉଁ ରୋଗ ଦାଉରୁ ସେ ରକ୍ଷା କଲେ ?

(ଙ) କ'ଣ ଦେଖିଲା ପରେ ସେ 'ଜରମ୍ ଥିଓରି' ଆବିଷ୍କାର କରିଥିଲେ ?

## ୩. ସରଳ ଭାଷାରେ ବୁଝାଇ ଲେଖିବା ।

(କ) ଆଗ୍ରହ ଥିଲେ ଗବେଷଣାରେ ସଫଳ କାମ ହେବା ନିଶ୍ଚିତ ।

(ଖ) ମଣିଷର ମଙ୍ଗଳକାମୀ ହେଉଛି ବୈଜ୍ଞାନିକମାନଙ୍କର ଗବେଷଣାଲବ୍ଧ ଔଷଧମାନ।

(ଗ) ସୁଖ ସମ୍ଭୋଗକୁ ତ୍ୟାଗ କରି ଲୋକମାନଙ୍କ ନିମନ୍ତେ ବିଜ୍ଞାନକୁ ମଙ୍ଗଳକାମୀ କରାଇବାରେ ସେ ଜଣେ ଦ୍ୱିତୀୟ ଭଗବାନ ।

## ୪. ଆସ, ତଳେ ଦିଆଯାଇଥିବା ଉତ୍ତର ପାଇଁ ପ୍ରଶ୍ନ ପ୍ରସ୍ତୁତ କରି ଲେଖିବା ।

(କ) ଚିତ୍ର ଆଙ୍କିବା ଥିଲା ତାଙ୍କର ପିଲାଦିନର ସଉକ ।

(ଖ) ଜଳାତଙ୍କ ରୋଗର ପ୍ରତିଷେଧକ ଟିକା ପାଇଁ ସେ ଗବେଷଣା କଲେ ।

(ଗ)ଜୀବନର ପ୍ରତିଟି ମୁହୂର୍ତ୍ତ ଥିଲା ତାଙ୍କ ନିକଟରେ ମୂଲ୍ୟବାନ୍ ।

(ଘ) ସେ ସବୁଦିନ ପାଇଁ ଆଦୃତ ହେଉଥିବେ ।

(ଙ) କ୍ଷୀର ଗରମ ହୋଇଗଲା ପରେ ସେ ଜୀବାଣୁ ନଷ୍ଟ ହୋଇଗଲେ ।

## ୫. ଆସ, ନିମ୍ନଲିଖିତ ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଢ଼ିବା ।

କଳ୍ପନା ______________________________

ଇହଧାମ ______________________________

ଆଦୃତ ____________________

ଚିକିତ୍ସା ____________________

ଆବିଷ୍କାର ____________________

୬. ଯେପରି 'ଆଦର'ରୁ ଆଦୃତ ହୋଇଛି, ସେହିପରି ତଳେ ଦିଆଯାଇଥିବା ଶବ୍ଦର କ'ଣ ହେବ ଆସ ଲେଖିବା।

ପୁରସ୍କାର ____________

ଉଦ୍ଧାର ____________


ଗ୍ରହଣ ____________

ତିରସ୍କାର ____________

୭. ଏହି ବିଷୟରୁ ବୈଜ୍ଞାନିକଙ୍କର ଜୀବନୀ ବିଷୟରେ ପାଞ୍ଚଧାଡ଼ି ଲେଖ।


କେତେକ ବୈଜ୍ଞାନିକଙ୍କ ଫଟୋ ସଂଗ୍ରହ କରି ଅଠା ଦ୍ୱାରା ଲଗାଅ।

# ୬ ସୂକ୍ତିମାଳା




ସାଧୁପୁରୁଷଙ୍କ ସଙ୍ଗ ଛାଡ଼ନା
ଖରାପ କଥାକୁ କାନ ଦିଅନା
ଦୁର୍ଜନ ଲୋକଙ୍କ ସଙ୍ଗେ ମିଶନା
ପର ଅମଙ୍ଗଳ ଚିନ୍ତା କରନା ।





ପର ଜିନିଷରେ ମନ ବଳାନା
ଗରବରେ କେବେ ଫାଟି ପଡ଼ନା
ପାପୀ ପାଖେ କେବେ ଧରା ଦିଅନା
ମିଥ୍ୟାବାଦୀ ପାଖେ ସତ କୁହନା ।

ଧାର୍ମିକ ପାଖରୁ ଉଠି ଆସନା
ଅବିବେକୀ ପାଖେ ମୁଣ୍ଡ ନୁଆଁନା
ଅସତ୍ୟ ପଥକୁ ଗୋଡ଼ ବଢ଼ାନା
କୁକର୍ମରେ କେବେ ମନ ଦିଅନା ।



କାପୁରୁଷ ପରି ଡରି ଯାଅନା
ବିପଦଆସିଲେ ଭାଙ୍ଗିପଡ଼ନା
କାନକୁହା କଥା କା'ର ଶୁଣନା
ତୋଷାମଦେ କାହା ପାଦଚାଟନା ।

ଭକ୍ତି ପାଇଁ ପ୍ରଭୁ ଦୟାସାଗର
ତୋଷ ହେଲେ ମିଳେ ସୁଖ ଅପାର
ବିଭୁପାଦ ଯଦି କର ଚିନ୍ତନ
ସୁଖେ ଚାଲିଯିବ ତୁମ ପରାଣ ।



**ସୂଚନା:-**

ବିଭୁ - ଭଗବାନ
ଚିନ୍ତନ - ଚିନ୍ତା
ଅପାର - ବହୁତ
ମିଥ୍ୟାବାଦୀ - ମିଛୁଆ
ଅବିବେକୀ - ଯାହାର ବିବେକ ନାହିଁ
କୁକର୍ମ - ଖରାପ କାମ
ଅସତ୍ୟ - ମିଛ
ପରାଣ - ଜୀବନ
ତୋଷାମଦ- ଖୋଷାମତିଆ
କାପୁରୁଷ - ଭୀରୁ

**ଆସ, କେତକ ଶବ୍ଦ ବିଷୟରେ ଜାଣିବା ।**

| | | | |
|---|---|---|---|
| ଧାର୍ମିକ | ଦୁର୍ଜନ | ମିଥ୍ୟାବାଦୀ | ଅବିବେକୀ |
| କୁକର୍ମ | ଅପାର | କାପୁରୁଷ | ଅସତ୍ୟ |

## ପ୍ରଶ୍ନାବଳୀ

**୧. ଆସ, ନିଜ ଭିତରେ ଆଲୋଚନା କରିବା ।**

(କ) ଡରି ନଯିବାକୁ କବି କାହିଁକି କହିଛନ୍ତି ?
(ଖ) କ'ଣ ପାଇଁ ଅସତ୍ୟ, କୁକର୍ମକୁ କବି ଘୃଣା କରିଥିବା କଥା କହିଛନ୍ତି ?
(ଗ) ବିପଦବେଳେ କ'ଣ ନକରିବାକୁ କୁହାଯାଇଛି ?
(ଘ) ବିଭୁ ପାଦଚିନ୍ତା କଲେ କ'ଣ ମିଳେ ?

## ୨. ସରଳ ଭାଷାରେ ବୁଝାଇ ଲେଖିବା ।

(କ) "ଭକ୍ତି ପାଇଁ ପ୍ରଭୁ ଦୟାସାଗର
ତୋଷ ହେଲେ ମିଳେ ସୁଖ ଅପାର ।"

(ଖ) ଅସତ୍ୟ ପଥକୁ ଗୋଡ଼ ବଢ଼ାନା
କୁକର୍ମରେ କେବେ ମନ ଦିଅନା ।

## ୩. ଆସ ଉତ୍ତର ଲେଖିବା ।

(କ) କ'ଣ ନଶୁଣିବା ପାଇଁ କୁହାଯାଇଛି ?

(ଖ) କାହା ସାଙ୍ଗରେ ନମିଶିବାକୁ କବି କହିଛନ୍ତି ?

(ଗ) ପାପୀ ଓ ମିଥ୍ୟାବାଦୀ ପାଖେ କ'ଣ ନକରିବାକୁ ମନା କରାଯାଇଛି ?

## ୪. ନିମ୍ନରେ ଦିଆଯାଇଥିବା ଶବ୍ଦର ଗଦ୍ୟ ରୂପ ଲେଖ ।

| ପଦ୍ୟ ରୂପ | ଗଦ୍ୟ ରୂପ |
|---|---|
| ପରାଣ | |
| ପରବ | |
| ଗରବ | |
| ମରତ | |
| ଖରଚ | |

## ୫. ତଳେ ଦିଆଯାଇଥିବା ପ୍ରତ୍ୟେକ ଧାଡ଼ିକୁ ଏକ ପଦରେ ପ୍ରକାଶ କରି ନୂଆ ଶବ୍ଦ ଲେଖ ।

(କ) ଧର୍ମରେ ଥାଏ ଯିଏ । ______

(ଖ) ମିଛ କହୁଥାଏ ଯିଏ । ______

(ଗ) ଲକ୍ଷ୍ମୀଙ୍କୁ ଛାଡ଼େ ଯିଏ । ______

(ଘ) ବିବେକ ନାହିଁ ଯାହାର । ______

## ୬. କବିତା ପଢ଼ି ପଦପୂରଣ କରିବା ।

(କ) ବିପଦ ଆସିଲେ ______ ।

(ଖ) ____________________ ପାଦ ଚାଟନା ।

(ଗ) ପାପୀ ପାଖେ କେବେ ____________________ ।

(ଘ) ____________________ ଚିନ୍ତା କରନା ।

୭. ଆସ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ନେଇ ଗୋଟିଏ, ଗୋଟିଏ ବାକ୍ୟ ଗଢ଼ିବା ।

ସଙ୍ଗ ____________________

ପର ____________________

ଭକ୍ତି ____________________

କାପୁରୁଷ ____________________


ତୋଷ ____________________

୯. 'ଘରଦ୍ୱାର' ପରି ଆଉ ଚାରୋଟି ଯୋଡ଼ା ଶବ୍ଦ ଲେଖିବା ।

____________________ ____________________

____________________ ____________________

## ୭ ମଣିଷ ପରି ମଣିଷଟିଏ



ସ୍ରଷ୍ଟାର ହାତ ଗଢ଼ା ସୃଷ୍ଟି ହେଉଛି ମଣିଷ । ପ୍ରକୃତିର କୋଳରେ ସିଏ ଜନ୍ମେ, ବଢ଼େ, ହସେ, ଖେଳେ ଓ କର୍ମମୟ ଜୀବନକୁ ସୁଚାରୁ ରୂପେ ତୁଲାଇଥାଏ । ଶେଷରେ ତା'ର ଜୀବନ ଦୀପ ନିର୍ବାପିତ ହୁଏ । ହେଲେ କର୍ମ କ୍ଷେତ୍ରରେ କେତୋଟି ଅମୂଲ୍ୟ ସ୍ମୃତି ସମ୍ପଦକୁ ପଦଚିହ୍ନ ରୂପେ ରଖିଦେଇ ଚାଲିଯାଏ । ସେଇ କଥା ଓ କାହାଣୀକୁ ଲୋକେ ସାଉଁଟି ଥାଆନ୍ତି । ତାଙ୍କ ଜୀବନରେ ସେଗୁଡ଼ିକ ହୁଏ ଆଦର୍ଶର ପରିଚାୟକ ।

ସେହିପରି ଜଣେ ଅଭୁଲା ମଣିଷଟିଏ ଜନ୍ମିଥିଲେ ଜଗତସିଂହପୁର ଜିଲ୍ଲାର ଦଣ୍ଡିଲୋ ଗ୍ରାମରେ ୧୯୧୭ ମସିହାରେ । ତାଙ୍କର ନାଁ ହେଉଛି "**ଚୈତନ୍ୟ**" । ତାଙ୍କ ପିତାଙ୍କର ନାମ '**ବାଳକୃଷ୍ଣ**' ଓ ମାଆଙ୍କ ନାମ '**ରାଜ**' । ପିଲାଦିନରୁ ବାପା ମାଆଙ୍କର ଲାଳନ ପାଳନରେ ସେ ମଣିଷ ହେଲେ । ପାଠ ପଢ଼ିଲେ । ତାଙ୍କର ସହଧର୍ମିଣୀ ନିଶାମଣି ଜଣେ ଧର୍ମପରାୟଣା ମହିଳା ଥିଲେ ।

ଜୀବନ ହେଉଛି ସଂଗ୍ରାମମୟ । ପାଠ ପଢ଼ିବାକୁ ଯେତେବେଳେ ସ୍କୁଲକୁ ଯାଆନ୍ତି, ଅଭାବ ସଂସାରରେ ସେ ଅଣ୍ଟିରେ ମୁଢ଼ି ପୂରେଇ ଚୋବେଇ, ଚୋବେଇ ଯାଆନ୍ତି । ସେତେବେଳେ ଗାଡ଼ି, ମଟର ନଥାଏ । ଚାଲି ଚାଲି ଯିବାକୁ ହୁଏ । ଯେତେବେଳେ ସେ ବିବାହ କଲେ, ବର ବେଶରେ ଶଗଡ଼ରେ ଶ୍ୱଶୁର

ଘର ପ୍ରହରାଜପୁରକୁ ଯାଇଥିଲେ । ଆଡ଼ମ୍ବରରେ ବାହାଘର ହୋଇଥିଲା । ଭାରଥୋର ଅନେକ ମିଳିଲା । ସେତେବେଳେ ଯଉତୁକ ପ୍ରଥା ନଥିଲା । ଏହାପରେ ତାଙ୍କର ଶିକ୍ଷକତା ଜୀବନ ଆରମ୍ଭ ହେଲା ।

ପାଠ ପଢ଼ାଇବାରେ ସେ ଜଣେ ଧୂରୀଣ ଶିକ୍ଷକ ଥିଲେ । ଅଙ୍କ, ସାହିତ୍ୟ, ପଢ଼ାଇବାରେ ତାଙ୍କର ପଟୁତା ଥିଲା । ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ପରିଚିତ ଥିଲେ । ସମସ୍ତେ ଚାକିରୀ କରନ୍ତି କିନ୍ତୁ ଲୋକପ୍ରିୟ ହୋଇପାରନ୍ତି ନାହିଁ ।

ପିଲାମାନେ ଦୁଷ୍ଟ ହେଲେ ବୁଝାଇ ଦିଅନ୍ତି । ଥରେ ସେ ଗୋଟିଏ ପିଲାକୁ ବୁଝାଇଲେ ମଧ ବୁଝିଲା ନାହିଁ । ଦୁଇଚାରି ଥର ଧୈର୍ଯ୍ୟ ଧରି ଶୁଣିଲା । ତେବେ ଯାଇ ଅଙ୍କ କଷିଲା ।

ପ୍ରାଥମିକ ବିଦ୍ୟାଳୟ ଶିକ୍ଷାର ମୂଳଦୁଆ ପକାଏ । କେବେ ପିଲା ବିଦ୍ୟାଳୟକୁ ନ ଆସିଲେ ବୁଝେଇ ଶୁଝେଇ ବିଦ୍ୟାଳୟକୁ ଆଣନ୍ତି । ପୁଅ ପରି ସ୍ନେହ କରନ୍ତି । ସ୍ନେହୀ ମଣିଷଟିଏ । ସ୍ନେହର ଆକଟରେ ପିଲାମାନଙ୍କ ମନକୁ ବାନ୍ଧିଥାଆନ୍ତି ।

ତାଙ୍କର ପାଠ ଶୁଣିବା ପାଇଁ ପିଲା ଆଗ୍ରହର ସହିତ ଶ୍ରେଣୀରେ ବସନ୍ତି । ଦୁଷ୍ଟ ପିଲାଙ୍କୁ ଚକୋଲେଟ୍ ଦେଇ ଅବାଟରୁ ବାଟକୁ ଆଣନ୍ତି । ରାମାୟଣ, ମହାଭାରତରୁ ଧର୍ମ ସମ୍ବନ୍ଧୀୟ ଗପ ଶୁଣାନ୍ତି । ନୀତିବାଣୀ କହି ପିଲାମାନଙ୍କର ଚଞ୍ଚଳ ମନକୁ ସ୍ଥିର କରନ୍ତି ।

ସେ ଥିଲେ ସ୍ଥିତପ୍ରଜ୍ଞ, ଧୀର ଏବଂ ନମ୍ର ସ୍ୱଭାବର । ଶାନ୍ତ ପରିବେଶରେ ରହି ସବୁ ସମସ୍ୟାର ସମାଧାନ କରନ୍ତି । ଥରେ ଗୋଟିଏ ପିଲା ମାଡ଼ ଖାଇ କାନ୍ଦି କାନ୍ଦି ଘରକୁ ଯାଇ ବାପା, ମାଆଙ୍କୁ କହିଲା । ବାପା ବିଦ୍ୟାଳୟକୁ ଆସି ବୁଝିଲେ ଯେ, ତାହାର ଦୁଷ୍ଟାମି ସକାଶେ ଏ ଦଶା ଭୋଗିଲା । ପିଲାଟି ତା'ର ଭୁଲ୍ ବୁଝି ସାର୍‌ଙ୍କ ପାଖରେ ଶରଣ ପଶିଲା ।

ସେ ଜଣେ ଅମାୟିକ ବ୍ୟକ୍ତି ଥିଲେ । ସଂସାରର ଜଞ୍ଜାଳ ଭିତରେ ରହି ଶିକ୍ଷକତାକୁ ଜୀବନର ପାଥେୟ କରିଥିଲେ । ମଣିଷ ପଶୁତ୍ୱରୁ ମାନବତ୍ୱକୁ ଓ ମାନବତ୍ୱରୁ ଦେବତ୍ୱ ପ୍ରାପ୍ତ ହୋଇଥାଏ ।

ଛାତ୍ରଛାତ୍ରୀମାନଙ୍କର ସେ ଥିଲେ ଭଗବାନ । ଯିଏ ଥରେ ତାଙ୍କ ପାଖରେ ପାଠ ପଢ଼ିଛି, ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇଛି, ସେ ଭଲ ମଣିଷ ହୋଇ ଜୀବନରେ ଉନ୍ନତିର ଚରମ ସୀମାରେ ପହଞ୍ଚିପାରିଛି ।

ମଣିଷର ମଣିଷପଣିଆ ତାଙ୍କ ପାଖରେ ଥିଲା । ଛୋଟ ପିଲାମାନଙ୍କୁ ନିଜ ହାତରେ ସିଙ୍ଘାଣି ପୋଛିଛନ୍ତି, ପିଲାମାନଙ୍କୁ ଗେଲ କରିଛନ୍ତି, ଆକଟ ମଧ କରିଛନ୍ତି । ଶାସନ ଦଣ୍ଡ ହାତରେ ଥିଲେ ମଧ ଧମକେଇ ଶାସନ କରିନାହାନ୍ତି । ସେ ନୋଧା ଡିମିରି, ଶିବପୁର, ଶଙ୍କରପୁର, ଅଢ଼ଙ୍ଗ, ଅରଣା ଓ ଅନେକ

ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ପଦରେ ଅଧିଷ୍ଠିତ ରହି ସୁନାମ ଅର୍ଜନ କରିଛନ୍ତି । ସେ ସହକର୍ମୀମାନଙ୍କୁ ମଧ୍ୟ ନିଜର ଆତ୍ମୀୟ କରିଥାଆନ୍ତି ।

ସମୟାନୁବର୍ତ୍ତିତା ତାଙ୍କ ଜୀବନର ପରମ ଲକ୍ଷ୍ୟ ଥିଲା । ଠିକ୍ ଭାବେ ସେ କର୍ତ୍ତବ୍ୟ କରିଥିଲେ ଚାକିରିର ଶେଷ ଦିନ ପର୍ଯ୍ୟନ୍ତ । ସେ ରାଜା ନଥିଲେ କିନ୍ତୁ ସମସ୍ତଙ୍କର ମୁରବୀ ତଥା ପଥପ୍ରଦର୍ଶକ ଥିଲେ ।

ସେ ସମସ୍ତଙ୍କର ଆଦରଣୀୟ ହୋଇଥିଲେ । କର୍ତ୍ତବ୍ୟ ବିନା ସବୁକୁ ସେ ତୁଚ୍ଛ ମଣୁଥିଲେ । ଏବେବି ତାଙ୍କ କଥା ଛାତ୍ରଛାତ୍ରୀ ମନେ ପକାଇ ଥାଆନ୍ତି । ଶାନ୍ତ, ସରଳ, ନିରାଡ଼ମ୍ବର ଜୀବନଯାପନ କରି ସେ ୨୦୦୧ ମସିହା ଅଗଷ୍ଟ ୭ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ମସ୍ତିଷ୍କ ମ୍ୟାଲେରିଆ ଜ୍ୱରରେ । ତାଙ୍କର ତ୍ୟାଗପୂତ ଜୀବନ ଏବେ ମାଇଲ୍‌ଖୁଣ୍ଟ ହୋଇ ରହିଛି । "ପ୍ରାଣୀର ଭଲ ମନ୍ଦ ବାଣୀ, ମରଣ କାଳେ ତାହା ଜାଣି ।" ସମସ୍ତେ ତାଙ୍କର ମୃତ୍ୟୁରେ ମ୍ରିୟମାଣ ହୋଇପଡ଼ିଥିଲେ । ତାଙ୍କ ପରି ଜଣେ ଆଦର୍ଶ ଶିକ୍ଷକ ଏ ଯୁଗରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ଆସ, ନୂଆ ଶବ୍ଦକୁ ଜାଣିବା ।**

| | | | | |
|---|---|---|---|---|
| ସ୍ନେହୀ | ବିରଳ | ପଟୁତା | ଆକଟ | ଅନୁପ୍ରାଣିତ |
| ନମ୍ର | ଅମାୟିକ | କର୍ମମୟ | ଦେବତ୍ୱ | ନିରାଡ଼ମ୍ବର |

## ପ୍ରଶ୍ନାବଳୀ

**୧. ଆସ, ନିଜ ଭିତରେ କୁହାକୁହି ହେବା ଓ ଖାତାରେ ଲେଖିବା ।**

(କ) ସହକର୍ମୀମାନଙ୍କୁ ସେ କିପରି ଦେଖନ୍ତି ?

(ଖ) କିପରି ସ୍ୱଭାବର ଶିକ୍ଷକ ସେ ଥିଲେ ?

(ଗ) ତାଙ୍କ ଜୀବନର ଲକ୍ଷ୍ୟ କ'ଣ ଥିଲା ?

(ଘ) କେଉଁ ବିଷୟ ସେ ପଢ଼ାଉଥିଲେ ?

**୨. ଆସ, ଉତ୍ତର ଲେଖିବା ।**

(କ) ପିଲାର ବାପା ସ୍କୁଲକୁ ଆସି, କାହାର ଦୋଷ ଜାଣିଲେ ?

(ଖ) ଶିକ୍ଷକ କର୍ମକ୍ଷେତ୍ରରେ କ'ଣ ରଖିଦେଇ ଚାଲିଯାଏ ?

(ଗ) ପିଲାଙ୍କୁ କି କି ପ୍ରକାର ଗପ ଶୁଣାନ୍ତି ?

(ଘ) ଶିକ୍ଷାର ମୂଳଦୁଆ କିଏ ପକାଏ ?

(ଙ) ସେ କିପରି ଛାତ୍ରମାନଙ୍କର ଯତ୍ନ ନିଅନ୍ତି ?

୩. ସମାନ ଉଚ୍ଚାରଣ ଥିଲେ ମଧ୍ୟ ଭିନ୍ନ ଅର୍ଥ ଥିବାର କେତେକ ଶବ୍ଦ ଦିଆଯାଇଛି । ଆସ ସେଗୁଡ଼ିକର ଅଲଗା ଅଲଗା ଅର୍ଥ ପାଖ ଘରେ ଲେଖିବା ।

| | | | | | |
|---|---|---|---|---|---|
| ସର | | କୁଳ | | କର | |
| ଶର | | କୂଳ | | କର | |

୪. ନିମ୍ନରେ ଦିଆଯାଇଥିବା ଶବ୍ଦର ବିପରୀତ ଶବ୍ଦ ଆସ ମନେପକାଇ କୋଠରୀରେ ଲେଖିବା ।

| | | | |
|---|---|---|---|
| ଜୀବନ | | ଦୁଃଖ | |
| ପ୍ରଭାତ | | ଆନନ୍ଦ | |
| ଧନୀ | | ନିନ୍ଦା | |

୫. ଆସ, ନିମ୍ନଲିଖିତ ଶବ୍ଦକୁ ନେଇ ବାକ୍ୟ ଗଢ଼ିବା ।

ବାଣୀ ____________________

କର୍ତ୍ତବ୍ୟ ____________________

ସୁନାମ ____________________

ଆକଟ ____________________

ଅମାୟିକ ____________________

ବିରଳ ____________________

ଲୋକପ୍ରିୟ ____________________

୬. ନିମ୍ନ ଉତ୍ତରଗୁଡ଼ିକ ପାଇବା ପାଇଁ ଗୋଟିଏ ଗୋଟିଏ ପ୍ରଶ୍ନ କରିବା ।

(କ) ଶାସନ ଦଣ୍ଡ ହାତରେ ଥିଲେ ମଧ୍ୟ ଧମକେଇ ଶାସନ କରିନାହାନ୍ତି ।

(ଖ) ତାଙ୍କର ତ୍ୟାଗପୂତ ଜୀବନ ଏବେ ମାଇଲ୍ ଖୁଣ୍ଟ ହୋଇ ରହିଛି ।

(ଗ) ଛାତ୍ର ବତ୍ସଳ ଶିକ୍ଷକ ଭାବେ ସେ ପରିଚିତ ଥିଲେ ।

(ଘ) ଶାନ୍ତ ପରିବେଶରେ ରହି, ସବୁ ସମସ୍ୟାର ସମାଧାନ କରନ୍ତି ।

(ଙ) କର୍ତ୍ତବ୍ୟ ବିନା ସବୁକୁ ସେ ତୁଚ୍ଛ ମଣୁଥିଲେ ।

୭. ତଳେ ଦୁଇଗୋଟି ବାକ୍ସରେ କେତେକ ଶବ୍ଦ ଦିଆଯାଇଛି । ସେଗୁଡ଼ିକର କାହା ସହ କାହାର ସଂପର୍କ ଅଛି, ତାକୁ ବାଛି ଏକାଠି କରି ଲେଖିବା ।

| ଭଲ, ଛାତ୍ର, ଗାଁ, ମରଣ<br>ମାଇଲ୍ ଆଦର୍ଶ, ସୁନାମ | ଶିକ୍ଷକ, ମନ୍ଦ, ମଣିଷ, ଖୁଣ୍ଟି,<br>ବତ୍ସଳ, କାଳେ, ଅର୍ଜନ, ଗଣ୍ଡା |
|---|---|

୮. ଆସ, ସରଳ ଭାଷାରେ ବୁଝାଇ ଲେଖିବା ।

(କ) 'ପ୍ରାଣୀର ଭଲ ମନ୍ଦ ବାଣୀ
ମରଣ କାଳେ ତାହା ଜାଣି' ।

(ଖ) ସମୟାନୁବର୍ତ୍ତିତା ତାଙ୍କ ଜୀବନର ପରମ ଲକ୍ଷ୍ୟ ଥିଲା ।

(ଗ) ମଣିଷ ପଶୁତ୍ୱରୁ ମାନବତ୍ୱକୁ ଓ ମାନବତ୍ୱରୁ ଦେବତ୍ୱକୁ ପ୍ରାପ୍ତ ହୋଇଥାଏ ।

୯. ଆସ, ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖିବା ।

(କ) ହୁଏ ଚାଲି ଯିବାକୁ ଚାଲି ।

(ଖ) ଥିଲେ ଅମାୟିକ ଜଣେ ସେ ।

(ଗ) ଜଣେ ନାହିଁ ପରି ଜଣେ ଶିକ୍ଷକ ଆଦର୍ଶ ।

(ଘ) ଧର୍ମ କରି ଅର୍ଜନେ ଧନ ।

୧୦. ଜଣେ ଆଦର୍ଶ ଶିକ୍ଷକର କେଉଁ କେଉଁ ଗୁଣ ଦରକାର ଦଶ ଧାଡ଼ିରେ ଲେଖିବା ।

# ୮ ବୈକୁଣ୍ଠଧାମ ତିରୁପତି ମନ୍ଦିର



ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ । ଭାରତ ଏକ ପୁଣ୍ୟଭୂମି । ଦେବତାମାନଙ୍କର ବିହାର ସ୍ଥଳୀ । ଦେବଦେବୀମାନଙ୍କୁ ମନ୍ଦିରରେ ଉପାସନା କରନ୍ତି ଭକ୍ତମାନେ । ସଂଧ୍ୟା, ସକାଳରେ ଦେବପୀଠମାନ ଘଣ୍ଟା ଧ୍ୱନି ସହିତ ସଂଗୀତର ମଧୁର ମୂର୍ଚ୍ଛନାରେ ପ୍ରକମ୍ପିତ ହୋଇଉଠେ ।

ଦକ୍ଷିଣ ଭାରତରେ ତିରୁପତି ମନ୍ଦିର ଏକ ତୀର୍ଥସ୍ଥାନ । ଭେଙ୍କଟେଶ୍ୱର ମନ୍ଦିର ଆନ୍ଧ୍ରପ୍ରଦେଶର ତ୍ରିଚୁର ଜିଲ୍ଲା ଅନ୍ତର୍ଗତ ଭେଙ୍କଟାଚଳ ପର୍ବତ ଉପରେ ଅବସ୍ଥିତ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏ ସ୍ଥାନଟି । ଏଠାକାର ନଦୀ, ଝରଣା, ଶ୍ୟାମଳ ଅରଣ୍ୟାନି, ଦର୍ଶକମାନଙ୍କ ମନରେ ଆନନ୍ଦର ଜୁଆର ସୃଷ୍ଟି କରିଥାଏ ।

ଗମନାଗମନର ସୁବିଧା ରହିଛି ମନ୍ଦିର ପର୍ଯ୍ୟନ୍ତ । ରାସ୍ତାଟି ସର୍ପିଳଗତିରେ ପଡ଼ିଛି ଭେଙ୍କଟେଶ୍ୱର ମନ୍ଦିରକୁ । ଏଠାକୁ ଯିବାପାଇଁ ଚାଲିବା ବାଟ ରହିଛି । ସୁନ୍ଦର ଭାବରେ ସହରଟି ଗଢ଼ିଉଠିଛି । ହଜାର ହଜାର ଦର୍ଶକଙ୍କର ସମାବେଶରେ ମନ୍ଦିର ପୂରିଉଠେ ।

ପାହାଡ଼ ଉପରେ ଟ୍ରଷ୍ଟ ପକ୍ଷରୁ ମାଗଣାରେ ବସ୍ ଦ୍ୱାରା ଯାତ୍ରୀମାନଙ୍କୁ ନେବା ଆଣିବା କରାଯାଏ । ପାର୍ବତ୍ୟ ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ଆତ୍ମବିହ୍ୱଳ ହୋଇଯାଆନ୍ତି, ଯେତେବେଳେ ଭାସମାନ

ବାଦଲଗୁଡ଼ିକ ନଇଁ ଆସି ଯାତ୍ରୀମାନଙ୍କୁ ଶୀତଳ ପରଶ ଦେଇଯାଆନ୍ତି ।

**କାଳିଦାସଙ୍କର ମେଘଦୂତ** କାବ୍ୟ କଥା ଏଠି ମନେପଡ଼ିଯାଏ । ଏହା ଗୋଟିଏ ଶୈଳନିବାସ ସଦୃଶ । ଏଠାରେ କଳାର ନିଖୁଣ ଛବିଗୁଡ଼ିକର ପରିସ୍ଫୁଟନ ହୋଇଛି । ବିରାଟ ମନ୍ଦିରରେ ଦ୍ରାବିଡ଼ ବାସ୍ତୁକଳାର ଜୀବନ୍ତ ନମୁନା ଦେଖିବାକୁ ମିଳେ ।

ପ୍ରକୃତିର ଗନ୍ତାଘରରେ ସଜ୍ଜିତ ଏ ତୀର୍ଥସ୍ଥଳୀ । ଆନ୍ଧ୍ରପ୍ରଦେଶ ରାଜ୍ୟର ଆୟଠାରୁ ତିରୁପତି ମନ୍ଦିରର ଆୟ ଅଧିକ । ଦର୍ଶନ ପାଇଁ ଦଶଟଙ୍କାରୁ ଟିକଟ ଆରମ୍ଭ ହୋଇ ବାରହଜାର ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଟିକଟ ପଡ଼ିଥାଏ । ପ୍ରତ୍ୟେକ ଦିନ ଶହ ଶହ ଭକ୍ତ ଆସନ୍ତି ଓ ଦର୍ଶନ କରନ୍ତି । ଭକ୍ତମାନେ ଫେରିବାବେଳେ ମାଗଣାରେ ଗୋଟିଏ ଲେଖାଏଁ ଲଡୁ ପ୍ରସାଦ ସ୍ୱରୂପ ପାଆନ୍ତି । ଏଠାରେ ମାଗଣା ଅନ୍ନ ପ୍ରସାଦର ସୁଯୋଗ ରହିଛି ।

ରେସ୍ତୋରାଁ, ହୋଟେଲ୍ ଓ ବିପଣୀମାଳାରେ ଏ ସ୍ଥଳୀ କଳମୁଖର । ଠାକୁରଙ୍କ ଦକ୍ଷିଣା ହୁଣ୍ଡିରେ ପଡ଼େ । ଏହି ମନ୍ଦିର ସାତୋଟି ପାହାଡ଼ର ସମଷ୍ଟିରେ ନିର୍ମିତ । ଏହାକୁ ବୈକୁଣ୍ଠଧାମ କୁହାଯାଏ । ଏହି ମନ୍ଦିରରେ ବିଷ୍ଣୁଙ୍କର ମୂର୍ତ୍ତି ପୂଜାପାଆନ୍ତି । ସେ ସପ୍ତମ ପର୍ବତରେ ଅବସ୍ଥାନ କରନ୍ତି । ତାଙ୍କର ଆଖିରେ ଚନ୍ଦନର ପ୍ରଲେପ ଲାଗିଥାଏ ସବୁବେଳେ । ତାଙ୍କ ଚକ୍ଷୁର ତେଜରୁ ଭକ୍ତମାନଙ୍କୁ ବଞ୍ଚାଇବା ପାଇଁ ଏ ପ୍ରଲେପ ଦିଆହୋଇଥାଏ ।

ଆରାଧ୍ୟ ଦେବତା ରୂପେ ସେ ପୂଜିତ ହୁଅନ୍ତି । ଦେବପୀଠ ବା ଦେବଭୂମି ରୂପେ ଏ ସ୍ଥାନଟି ପରିଚିତ । ସକଳ ସୁଖ ପ୍ରଦାୟକ ଦର୍ଶନୀୟ ସ୍ଥାନ ।

ମନସ୍କାମନା ପୂରଣ କରିବା ପାଇଁ ଲୋକେ ଦୂରଦୂରାନ୍ତରୁ ଏଠାକୁ ଧାଇଁ ଆସିଥାନ୍ତି । ବିଶେଷକରି ମନୋମୁଗ୍ଧକର ଦୃଶ୍ୟରାଜି, ବିଭବଶାଳିନୀ ସହର ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଅସୀମ ଆନନ୍ଦକୁ ଉପଭୋଗ କରିବାକୁ ଆସିଥାଆନ୍ତି ଭକ୍ତଗଣ ।

କାରୁକାର୍ଯ୍ୟ ଖଚିତ ମନ୍ଦିର, ପ୍ରକୃତରେ ଦେବତାଙ୍କର ବାସସ୍ଥଳୀ । ବୈକୁଣ୍ଠ ପରି ଏହା ପ୍ରତୀୟମାନ ହୁଏ । ଏତେ ଲୋଭନୀୟ ସ୍ଥାନ ଯେ ଫେରିଆସିବାକୁ ମନ ହୁଏ ନାହିଁ ।

ରାଧାନାଥଙ୍କ ଭାଷାରେ –

"ସୁନ୍ଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେ ହେଁ ନୂଆ ଦିଶୁଥାଇ ।"

ଧନ୍ୟ ସେ ଦେବପୀଠ । ଧନ୍ୟ ସେହି ମନଲୋଭା ଦୃଶ୍ୟ !

**ଆସ, ନୂଆ ଶବ୍ଦକୁ ଚିହ୍ନିବା ।**

| | | | | |
|---|---|---|---|---|
| ପୁଣ୍ୟଭୂମି | ସର୍ପିଳ | ଦ୍ରାବିଡ | ମନସ୍କାମନା | ବାସସ୍ଥଳୀ |
| ପ୍ରାକୃତିକ | ସୌନ୍ଦର୍ଯ୍ୟ | ପ୍ରଲେପ | ମନୋମୁଗ୍ଧକର | ଦୃଶ୍ୟରାଜି |

## ପ୍ରଶ୍ନାବଳୀ

### ୧. ଆସ, ନିଜ ଭିତରେ ଆଲୋଚନା କରିବା ।

(କ) ଭାରତ କେଉଁମାନଙ୍କର ବିହାରସ୍ଥଳୀ ?

(ଖ) ଦକ୍ଷିଣ ଭାରତର ତୀର୍ଥସ୍ଥାନ କିଏ ?

(ଗ) ଦର୍ଶକମାନଙ୍କର ମନରେ କ'ଣ ସୃଷ୍ଟି କରିଥାଏ ?

(ଘ) ତିରୁପତି ମନ୍ଦିରକୁ କ'ଣ କୁହାଯାଏ ?

### ୨. ଆସ, ପଠିତ ବିଷୟରୁ ଉତ୍ତର ଖୋଜିବା ।

(କ) ଭକ୍ତମାନେ ମନ୍ଦିରରୁ ଫେରିବାବେଳେ କ'ଣ ପାଆନ୍ତି ?

(ଖ) କେତେଗୋଟି ପାହାଡ଼ର ଉପରେଏ ମନ୍ଦିର ତିଆରି ହୋଇଛି ?

(ଗ) ସେ ମୂର୍ତ୍ତି କ'ଣ ପ୍ରଦାନ କରେ ?

(ଘ) କାହାଠାରୁ ଏ ମନ୍ଦିରର ଆୟ ଅଧିକ ?

(ଙ) ଏହି ମନ୍ଦିର ସ୍ଥଳୀ କିପରି ଦେଖାଯାଏ ?

(ଚ) ମନ୍ଦିରର ଟ୍ରଷ୍ଟ କିପରି ଯାତ୍ରୀମାନଙ୍କୁ ନେବାଆଣିବା କରେ ?

### ୩. ଆସ ଶୂନ୍ୟସ୍ଥାନ ପୂରଣ କରିବା ପଠିତ ବିଷୟରୁ ।

(କ) ଠାକୁରଙ୍କ ଆଖିରେ ________________ ର ପ୍ରଲେପ ଦିଆଯାଇଥାଏ ।

(ଖ) ବୈକୁଣ୍ଠ ପରି ଏହା ________________ ହୁଏ ।

(ଗ) ମନ୍ଦିରଟି ଆନ୍ଧ୍ରର ________________ ଜିଲ୍ଲାରେ ଅବସ୍ଥିତ ।

(ଘ) ଏହା ଏକ ________________ ସ୍ଥାନ ।

୪. ଆସ, ତଳେ ଦିଆଯାଇଥିବା ଶବ୍ଦର ଅର୍ଥ ବୁଝି ଲେଖିବା ।

ବିଭବଶାଳିନୀ ______________________

ମନ୍ଦିରମାଳିନୀ ______________________

ପାପ ବିନାଶିନୀ ______________________

ସୌନ୍ଦର୍ଯ୍ୟର ଗନ୍ତାଘର ______________________

୫. ଆସ, ନିମ୍ନରେ ଦିଆଯାଇଥିବା ଶବ୍ଦକୁ ନେଇ ଗୋଟିଏ ଗୋଟିଏ ବାକ୍ୟ ଗଢ଼ିବା ।

ମନ୍ଦିର ______________________

ଉପାସନା ______________________

ସୁନ୍ଦର ______________________

ଆନନ୍ଦ ______________________

ଦର୍ଶକ ______________________

ଭକ୍ତ ______________________

୬. ବାମ କୋଠରୀରେ ଥିବା ଶବ୍ଦଗୁଡ଼ିକ ସହ ଡାହାଣ ପାଖ କୋଠରିରେ ଥିବା ଶବ୍ଦ ସହ କାହାର ସଂପର୍କ ଅଛି, ତାକୁ ଅଲଗା ଯାଗାରେ ଲେଖିବା ।

| ବାମ କୋଠରି | ଡାହାଣ କୋଠରି |
|---|---|
| ସାତୋଟି | ବାଦଲ |
| ପୂଣ୍ୟଭୂମି | ସ୍ଥାନ |
| ଭାସମାନ | ସକାଳ |
| ଲୋଭନୀୟ | ଚାଲିବା |
| ସଂଜ | ଭାରତ |
| ବାଟ | ପାହାଡ |

## ୭. ତଳେ ଦିଆଯାଇଥିବା ଶବ୍ଦର ବିପରୀତ ଶବ୍ଦ କୋଠରି ମଧ୍ୟରେ ଲେଖିବା ।

| | | | |
|---|---|---|---|
| ସଂଜ | | ପୁଣ୍ୟ | |
| ମନେରଖିବା | | ବାଟ | |
| ଦାନୀ | | ଉପର | |
| ଅଂଧାର | | ଦ୍ୱିପ | |

## ୮. ତଳେ ଦିଆଯାଇଥିବା ପ୍ରଶ୍ନର ସରଳ ଅର୍ଥ ଲେଖିବା ।

(କ) "ସୁନ୍ଦରେ ତୃପ୍ତିର ଅବସାଦନାହିଁ
ଯେତେ ଦେଖିଲେ ହେଁ ନୂଆ ଦିଶୁଥାଇ"

______________________________

______________________________

______________________________

## ୯. ତଳ ଲିଖିତ ବିଷୟରେ ଥିବା ବାକ୍ୟଗୁଡ଼ିକର ସ୍ଥାନକୁ ପୂରଣ କରିବା ।

(କ) ଭାରତ ଏକ ______________________ ।

(ଖ) ଆରାଧ୍ୟ ଦେବତା ______________________ ।

(ଗ) ଏହା ଗୋଟିଏ ______________________ ।

(ଘ) ରାସ୍ତାଟି ସର୍ପିଳ ଗତିରେ ପଡ଼ିଛି ______________________ ।

(ଙ) ବୈକୁଣ୍ଠ ପରି ଏହା ______________________ ।

୯

# ଗଛ ଓ ଫୁଲ



ଫୁଲ :

କେତେ ଶରଧାରେ କିବା ଆଶାନେଇ
ଜନମ ଦେଲୁ ତୁ ଜନନୀ,
ମୋ ଓଠରେ ହସ ଦେଖିବା ପାଇଁ କି
କଷଣ ସହିଛୁ ଦେଖିନି ।
ତୋ କୋଳରେ ଯେବେ ମୁହଁ ଦେଖାଇଲି
ନାଁ ହେଲା ମୋର କଳି,
କଳିରୁ ଦି' ପାଦ ଆଗେଇ ଗଲାରୁ
ଫୁଲ ହୋଇ ଫୁଟିଗଲି ।
ସମୀରେ ଦୋହଲି ତୋ ବାହୁରେ ଝୁଲି
କେତେ ଯେ ଆନନ୍ଦ ପାଏ,
ଭଅଁର ଯେବେ ମୋ ମଧୁ ଲୁଟିନେଲା
ସେ ସୁଖ କହି ନ ହୁଏ ।

ସେ ଟିକକ ପାଇଁ          ତୋର କେତେ ଚେଷ୍ଟା
ତାକୁ କି ମୁଁ ବୁଝିପାରେ
ଧାରୁଆ ହୋଇଲି          ଋଣ ନ ଶୁଝିଲି
ଗାଳି ଦେବୁ ନାହିଁ ମୋରେ ।

**ଗଛ :**

କି କଥା କହୁଛୁ          ଆଲୋ, "ତୁହି ଫୁଲ
ତୁ ମୋର ଜୀବ ଜୀବନ"
ନିଜେ ହସି ତୁହି          ଆନେ ହସାଇଲୁ
ପୁଲକି ଉଠୁଛି ପ୍ରାଣ ।

**ଫୁଲ:**

ଅଳପ ଦିନକୁ          ଜନମ ମୋହର
କିଏ ଦେଲା ଟିକି ଆୟୁଷ,
ସରି, ସରି ଆସେ          ମନରୁ ହରଷ
ବିତରି ଯାଏ, ସୁବାସ ।

**ଗଛ:**

ଯିଏ ଯେତେବେଳେ          ଆସେ ଏ ସଂସାରେ
ରଖିଯାଏ ତା'ର ଯଶ,
ଦୀର୍ଘଦିନ ରହି          ଅପଯଶ କଲେ
ମିଳେନାହିଁ ପଉରୁଷ ।

**ଫୁଲ:**

ସରିଗଲା ମୋର          ହାଟର ସଉଦା
ଯାଉଛି ଧରଣୀ ତଳ
ଦୁଃଖ କରିବୁନି          ଘେନ ମୋ ପ୍ରଣତି
ରହୁଛି ତୋ ପାଦତଳ ।

| ଆସ, ନୂଆ ଶବ୍ଦକୁ ଜାଣିବା । | | | | |
|---|---|---|---|---|
| କଳି | ଆୟୁଷ | ପ୍ରଣତି | ସମୀର | ପୌରୁଷ |
| ଯଶ | ସୁବାସ | ଧରଣୀ | ପୁଲକ | ସର୍ବସ୍ୱ |

## ପ୍ରଶ୍ନାବଳୀ



### ୧. ଆସ, ଆଲୋଚନା କରି କୁହାକୁହି ହେବା ।

(କ) କ'ଣ ଦେଖିବା ପାଇଁ ଗଛ କଷଣ ସହିଛି ?

(ଖ) ନିଜେ ହସି କିଏ ଅନ୍ୟକୁ ହସାଏ ?

(ଗ) କିଏ ଋଣ ଶୁଝି ନପାରି ଧାରୁଆ ହୋଇଛି ?

(ଘ) ମଧୁ କିଏ ଲୁଟି ନେଲା ?

(ଙ) ଟିକି ଆୟୁଷ କିଏ ଦେଲା ?

### ୨. ଆସ, ଉତ୍ତର ଖୋଜି ବାହାର କରିବା ।

(କ) ଅପଯଶ କରିଲେ କ'ଣ ମିଳେ ନାହିଁ ?

(ଖ) କାହାର ହାଟ ସଉଦା ସରିଗଲା ?

(ଗ) ଗଛର ଜୀବ ଜୀବନ କିଏ ?

(ଘ) କାହା ବାହୁରେ ଫୁଲ ଝୁଲୁଥାଏ ?

(ଙ) କେବେ ତା'ର ନାଁ ହେଲା କଳି ?

(ଚ) ଯିଏ ଯେତେବେଳେ ଆସିଲେ ବି କ'ଣ ରଖିଯାଏ ?

### ୩. ଆସ, କବିତାର ପଦକୁ ସରଳ ଭାଷାରେ ବୁଝାଇ ଲେଖିବା ।

(କ) 'ସରିଗଲା ମୋର ହାଟର ସଉଦା
ଯାଉଛି ଧରଣୀ ତଳ
ଦୁଃଖ କରିବୁନି ଘେନ ମୋ ପ୍ରଣତି
ରହୁଛି ତୋ ପାଦତଳ' ।

(ଖ) ଅଳପ ଦିନକୁ ଜନମ ମୋହର
କିଏ ଦେଲା ଟିକି ଆୟୁଷ,
ସରି, ସରି ଆସେ ମନରୁ ହରଷ
ବିତରି ଯାଏ, ସୁବାସ।

୪. ଆସ ତଳେ ଦିଆଯାଇଥିବା ଶବ୍ଦର ଗଦ୍ୟ ରୂପ ଲେଖିବା।

ଅଳପ ______________

ପରାଣ ______________

ପଉରୁଷ ______________

ଶରଧା ______________

୫. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଠନ କରିବା।

ସୁବାସ ______________

ପ୍ରାଣ ______________

ଯଶ ______________

ଋଣୀ ______________

ଅଳପ ______________

କଳି ______________

ଆୟୁଷ ______________

୬. "ସରିସରି" - ପରି ଆଉ ଚାରି ଯୋଡ଼ା ଶବ୍ଦ ଲେଖିବା।

______________

______________

୭. ଆସ କବିତାକୁ ମଧୁର ସ୍ୱରରେ ଆବୃତ୍ତି କରିବା।

୧୦

# ସାତଭାୟା



ବଙ୍ଗୋପସାଗର କୂଳରେ ଗୋଟିଏ ଗାଁ ଶୋଭାପାଉଛି । ସେଇ ଗାଁର ନାମ ସାତଭାୟା । ଏଇ ଗାଁଟି କେନ୍ଦ୍ରାପଡ଼ା ଜିଲ୍ଲାରେ ଅବସ୍ଥିତ । ସାତଟି ଗାଁର ସମାହାରରେ ଏଇ ଗାଁ ଗଢ଼ିଉଠିଛି । ସାଗରର କରାଳ ଗ୍ରାସରେ ଆଜି ମରାପଦା, ଖରିକୁଲା, ମାନପୁର, ଗୋବିନ୍ଦପୁର, କୁଆଳିଓରା ଏବଂ କାନପୁର ପ୍ରଭୃତି ଗାଁଗୁଡ଼ିକ ଲୀନ ହୋଇଯାଇଛି । ସେ ଗାଁର ଚିହ୍ନବର୍ଣ୍ଣ ଦେଖିବାକୁ ମିଳେନାହିଁ ।

କେତେକ ଅମୂଲ୍ୟ ଜୀବନକୁ ନେଇ ସାତଭାୟା ଗାଁ ରହିଛି । ପ୍ରଚଣ୍ଡ ସାମୁଦ୍ରିକ ଝଡ଼ର ଲୋମହର୍ଷଣକାରୀ ଦୃଶ୍ୟ ଏବେବି ସେ ଗାଁକୁ ବିପଦର ସୂଚନା ଦେଇଥାଏ । ସାଗରର ଦୟା ଉପରେ ଏଇ ଗାଁର ଅଧିବାସୀଙ୍କର ଜୀବନ ନିର୍ଭର କରେ । ରାଜନଗର ଗୁପ୍ତି ରାସ୍ତାର ଓକିଲପାଳଠାରୁ ଜଙ୍ଗଲ ଦେଇ ପାଦରେ ଚାଲି, ଚାଲି ଆଠ କିଲୋମିଟର ଗଲେ ମଝିରେ ଦେଖିବାକୁ ମିଳେ ବାଉଁଶଗଡ଼ି ନଈ ।

କୁମ୍ଭୀରମାନଙ୍କର ବାସସ୍ଥଳୀ ଏଇ ନଈ । ଏଇ ଗାଁର ନାମ ଦିଆଯିବା ମୂଳରେ କିମ୍ବଦନ୍ତୀଟିଏ ଅଛି । ସାଧବପୁଅ ସାତଭାଇ ସମୁଦ୍ର ଦେଇ ବଣିଜ ସାରି ଫେରିବାବେଳେ ଏଇ ଗାଁରେ ବସତି ସ୍ଥାପନ କରିଥିବାରୁ ଏହି ଗାଁର ନାମ ସାତଭାୟା ହୋଇଛି । ସାତଭାଇ ଓ ତଅପୋଇର କାହାଣୀ ଏହା ସହିତ ସଂଲଗ୍ନ ।

ମାଆ '**ପଞ୍ଚୁବରାହୀଙ୍କ**' ଶକ୍ତିପୀଠ ଏଠାରେ ରହିଛି । ମାଆଙ୍କ ମୁହଁର ଆକୃତି ବରାହ ମୁଖୀ ପରି । ଏହାର ପୂଜକ ଜଣେ କୁମ୍ଭାର ଜାତିର ମହିଳା । ଥରେ ଜଣେ ବ୍ରାହ୍ମଣ ମାଆଙ୍କୁ ଅର୍ଚ୍ଚନା କରିବା ସମୟରେ ମୂର୍ତ୍ତିକୁ ସ୍ପର୍ଶ କଲାବେଳେ, ସେ ପଥର ହୋଇଗଲା । ସାମୁଦ୍ରିକ ଝଡ଼ ମାଆଙ୍କର ଆଜିଯାଏ ପାଦ ଛୁଇଁନାହିଁ । ପ୍ରତ୍ୟକ୍ଷ ଦେବୀ ଭାବେ ସେ ପରିଚିତା ।

ଏହି ଗାଁର ପୁରାତନ ନାମ ଥିଲା କାଳଦ୍ୱୀପ । ଏବେ ବ୍ରାହ୍ମଣ ପୂଜକର ପଥର ମୂର୍ତ୍ତି ମାଆଙ୍କ ପୋଖରୀ ତୁଠରେ ପଡ଼ିରହିଛି ମୂକସାକ୍ଷୀ ରୂପେ । ରୋଗୀ, ଭୋଗୀ, ଯୋଗୀମାନଙ୍କର ମନସ୍କାମନା ପୂରଣ କରିବାରେ ସେ ପ୍ରତ୍ୟକ୍ଷ ଦେବୀ । '**ପଞ୍ଚୁବରାହୀଙ୍କ**' ହେଉଛନ୍ତି ସେ ଗାଁର ରକ୍ଷା କବଚ ସଦୃଶ ।

ଏ ଅଞ୍ଚଳର କଉମାଛ, କଦଳୀ ଓ ନୀଳାବତୀ ଧାନ ଖଣ୍ଡ ମଣ୍ଡଳରେ ପ୍ରସିଦ୍ଧ । ବାଡ଼ି ବଗିଚା, ଫୁଲଫଳରେ ଏପରି ଘଞ୍ଚ ଯେ, ଦିନରେ ପଶିବା ପାଇଁ ଭୟ ଲାଗେ । ଭାଗ୍ୟର ବିଡ଼ମ୍ବନା ଯେ, ଏବେ ଏ ଅଞ୍ଚଳର ଶିରୀ ତୁଟିଯାଇଛି । ଲକ୍ଷ୍ମୀ ଛାଡ଼ି ଯାଇଛନ୍ତି ।

ଯେଉଁ ସାତଭାୟା ଲୋକେ ଆକୃଷ୍ଟ ହୋଇ ଆସୁଥିଲେ, ଏବେ ସେ ଅଞ୍ଚଳର ଲୋକେ ଗାଁ ଛାଡ଼ି ବମ୍ବେ, ସୁରଟ, କଲିକତା ଆଦି ସହରକୁ କାମ ଅନ୍ୱେଷଣରେ ଯାତ୍ରା କରୁଛନ୍ତି । କାମଧନ୍ଦା ପାଇଁ ଗାଁରେ କେବଳ ନିକମା ଲୋକ, ବୁଢ଼ାବୁଢ଼ୀ, ଛୋଟପିଲା ଓ ନୂଆ ବୋହୂମାନେ ଅଛନ୍ତି । ଦୁଇମୁଠା ଅନ୍ନ, ଖଣ୍ଡେ ବସ୍ତ୍ର ଓ ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ କୁଡ଼ିଆ ଘର ପାଇଁ ଆର୍ତ୍ତ ଚିତ୍କାର କରୁଛନ୍ତି ।

ଦୁର୍ଗମ ପଥ ଦେଇ ସେ ଗାଁକୁ ଯିବାକୁ ହୁଏ । ସମସ୍ତ ଲୋକେ ସଞ୍ଜ ଆସିବା ପୂର୍ବରୁ ଗାଁକୁ ଯାଇଥାଆନ୍ତି । ସାତଭାୟାର ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ, କନିକା ରାଜା ଅନନ୍ତ କିଶୋର ଦେବ ଥରେ ରାତିରେ ଜଙ୍ଗଲ ଭିତରେ ଯାତ୍ରା କରୁଥିବାବେଳେ ଏକ ଆଲୋକ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ରାଜାଙ୍କ ମନରେ ସନ୍ଦେହ ହେବାରୁ ସେଠାରେ ସେ ଅନେକ କଷ୍ଟକରି ପହଞ୍ଚି ଦେଖନ୍ତି ଯେ, ଠାକୁରାଣୀ ପାଞ୍ଚଭଉଣୀ (ପଞ୍ଚୁବରାହୀ, ଯଞ୍ଜାଳି, କମଳା, ବିମଳା ଓ ବାଟ କୁମାରୀ) ସେଇ ଜାଗାରେ ପଡ଼ି ରହିଛନ୍ତି । ତାହାପରେ ମା'ଙ୍କୁ ଏଠାରେ ସ୍ଥାପନ କରାଯାଇଥିଲା ।

ମାଆଙ୍କର ଅପାର କରୁଣାର ଧାରା ଏବେବି ଲୋକ ମୁଖରେ ପ୍ରଚଳିତ । ଦିନରେ ଏ ଜାଗାରେ ପଶିବା କଷ୍ଟକର । ଘଞ୍ଚ ଅରଣ୍ୟ ପରିଶୋଭିତ ପ୍ରାକୃତିକ ଦୃଶ୍ୟରେ ଦର୍ଶକ ବିଭୋର ହୋଇଯାଏ । ଏହା ଗୋଟିଏ ପ୍ରକୃତି ଅଭିଶପ୍ତ ଗାଁ । ଖାଦ୍ୟ ଓ ବାସଗୃହ ମୁଖ୍ୟତଃ ଏଇ ଦୁଇଟି ସମସ୍ୟାରେ ସାତଭାୟା ଗାଁ ଜର୍ଜରିତ । ସୁନେଇ, ରୂପେଇ ଜଙ୍ଗଲ ଏହି ଗାଁ ନିକଟରେ ଦେଖାଯାଏ ।

ମାଆଙ୍କର ଅପାର କରୁଣା ଥିବାରୁ ଏହି ଗାଁର ଅଧିବାସୀମାନେ ଜୀବନ ଧରି ରହିଛନ୍ତି । ଏବେ ସାତଭାୟାର କରୁଣ ଚିତ୍ର ସମସ୍ତଙ୍କ ଚିତ୍ତକୁ ଆନ୍ଦୋଳିତ କରୁଛି । ସୁନାର ସଂସାର ପୁଣି ହସିଉଠିବ ସେଇ

ମାଆଙ୍କର ଅଭୟ ବରଦାନରୁ । ଜଙ୍ଗଲର ରାଣୀ ସେଇ ପଞ୍ଚୁବରାହୀ ଠାକୁରାଣୀ ।

ପ୍ରକୃତି ଆଜି କାନ୍ଦୁଛି । ଜୀବନ ଯାପନ ପ୍ରଣାଳୀ ଏଠାରେ ଦୁର୍ବିସହ ହୋଇଉଠିଛି । ଧନ୍ୟ ପ୍ରକୃତି, ଧନ୍ୟ ତା'ର ଗନ୍ତାଘର । ମନୋରମ ଦୃଶ୍ୟରାଜିରେ ଦର୍ଶକ ବିଭୋର ହୋଇଉଠେ । ମଧୁର ସଂଗୀତର ମୂର୍ଚ୍ଛନା ଶୁଣିବାକୁ ମିଳେ ସେଇ ଜଙ୍ଗଲ ଘେରା ଗାଁରୁ । ମଧୁର ସ୍ମୃତି ଟାଣିନିଏ ଲୋକମାନଙ୍କୁ ।

**ସୂଚନା:**

| | | | |
|---|---|---|---|
| ଦୁର୍ବିସହ | ଅଭିଶପ୍ତ | କିମ୍ବଦନ୍ତୀ | ଆକୃଷ୍ଟ |
| କରୁଣା | ଜର୍ଜରିତ | ମୂର୍ଚ୍ଛନା | ଲୋମହର୍ଷଣ |
| ମୂକସାକ୍ଷୀ | ସ୍ମୃତି | ସ୍ଥାପନରାଜି | ବିଡ଼ମ୍ବନା |

**ଆସ, ନୂଆ ଶବ୍ଦଗୁଡ଼ିକୁ ଜାଣିବା ।**

| | | | | |
|---|---|---|---|---|
| ଲୀନ | ନିର୍ଭର | ଅର୍ଚ୍ଚନା | କରୁଣା | କିମ୍ବଦନ୍ତୀ |
| ଦୃଶ୍ୟ | କରାଳ | ଆକୃଷ୍ଟ | ମୂର୍ଚ୍ଛନା | ବିଡ଼ମ୍ବନା |

## ପ୍ରଶ୍ନାବଳୀ

### ୧. ଆସ, କଥାବାର୍ତ୍ତା ହେବା ।

(କ) ସାତଭାୟା କେଉଁ ସାଗର କୂଳରେ ଅବସ୍ଥିତ ?

(ଖ) ପାଞ୍ଚ ଭଉଣୀଙ୍କର ନାମ କ'ଣ ?

(ଗ) ବାଉଁଶଗଡ଼ି ନଈ କେଉଁମାନଙ୍କର ବାସସ୍ଥଳୀ ?

(ଘ) ପଞ୍ଚୁବରାହୀଙ୍କୁ କିଏ ପୂଜା କରେ ?

(ଙ) କନିକା ରାଜା ଜଙ୍ଗଲରେ କ'ଣ ଦେଖିଲେ ?

### ୨. ଆସ, ଉତ୍ତର ଖୋଜିବା ପଠିତ ବିଷୟରୁ ।

(କ) ସାତଭାୟାର ପୁରୁଣା ନାଁ କ'ଣ ଥିଲା ?

(ଖ) ସେଠାକାର ଲୋକେ ଗାଁ ଛାଡ଼ି କୁଆଡ଼େ ଯାଉଛନ୍ତି ?

(ଗ) କାହାର ପଥର ମୂର୍ତ୍ତି ପୋଖରୀ ନିକଟରେ ପଡ଼ିଛି ?

(ଘ) କେଉଁମାନଙ୍କର ମନସ୍କାମନା ଦେବୀ ପୂରଣ କରନ୍ତି ?

(ଙ) ଏହା ଗୋଟିଏ କି ପ୍ରକାର ଗାଁ ?

(ଚ) କିଏ ମାଆଙ୍କର ଆଜିଯାଏ ପାଦଛୁଇଁନାହିଁ ?

୩. ନିମ୍ନରେ ଦିଆଯାଇଥିବା ଶବ୍ଦକୁ ଲଗାଇ ଗୋଟିଏ ଲେଖାଏଁ ବାକ୍ୟ ଗଢ଼ିବା ।

ଆଶ୍ଚର୍ଯ୍ୟ ______________________

ଦୁର୍ଗମ ______________________

କନିକା ______________________

ଆକୃଷ୍ଟ ______________________

ସ୍ମୃତି ______________________

ମୂକସାକ୍ଷୀ ______________________

କରୁଣା ______________________

ମୂର୍ଚ୍ଛନା ______________________

୪. ଯେପରି 'ଗଠନ'ରୁ 'ଗଠିତ' ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକର ରୂପ କ'ଣ ହେବ ଆସ ଲେଖିବା ।

ପଠନ ______________

ରଚନା ______________

ମନ୍ଥନ ______________

ଘର୍ଷଣ ______________

୫. ଯେପରି 'ସାଗର'ର 'ସିନ୍ଧୁ', ସମୁଦ୍ର, ପାରାବାର ସେହିପରି ତଳ ଶବ୍ଦଗୁଡ଼ିକର ଅର୍ଥ ବୁଝାଉଥିବା କେତୋଟି ଶବ୍ଦ ଲେଖିବା ।

ଅରଣ୍ୟ ____________ ____________ ____________

ଧରଣୀ ____________ ____________ ____________

ଆକାଶ ____________ ____________ ____________

ନଈ ____________ ____________ ____________

୬. ଯେପରି 'ବଳ'ରୁ 'ବଳବାନ୍' ସେହିପରି ତଳ ଶବ୍ଦଗୁଡ଼ିକର କ'ଣ ହେବ ଲେଖିବା ।

ଧନରୁ ______________ ଗୁଣରୁ ______________

ଯତ୍ନରୁ ______________ ଭାଗ୍ୟରୁ ______________

ମୂଲ୍ୟରୁ ______________

୭. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କରିବା।

(କ) ପଥର ମୂର୍ତ୍ତି ________________ ଭାବେ ଦଣ୍ଡାୟମାନ।

(ମୂଳସାକ୍ଷୀ, ମୌନ, ମୂକସାକ୍ଷୀ)

(ଖ) ଲୋକମାନେ ________________ ହୋଇ ଆସନ୍ତି।

(ଆକର୍ଷଣ, ଆକୃଷ୍ଟ, ଖୁସି)

(ଗ) ଗାଁର ନାଁ ମୂଳରେ ________________ ଟିଏ ଅଛି।

(କଳ୍ପନା, କିମ୍ବଦନ୍ତୀ, ଘଟଣା)

(ଘ) ଏହା ଘଞ୍ଚ ________________ ରେ ପରିପୂର୍ଣ୍ଣ। (ବାଡ଼ି, ମନ୍ଦିର, ଅରଣ୍ୟ)

୮. ଆସ, ସରଳ ଭାଷାରେ ବୁଝାଇ ଲେଖିବା।


(କ) ଭାଗ୍ୟର ବିଡ଼ମ୍ବନା ଯେ, ଏବେ ଏ ଅଞ୍ଚଳର ଶିରୀ ତୁଟିଯାଇଛି। ଲକ୍ଷ୍ମୀ ଛାଡ଼ି ଯାଇଛନ୍ତି।

(ଖ) ରୋଗୀ, ଯୋଗୀ ଓ ଭୋଗୀମାନଙ୍କର ମନସ୍କାମନା ପୂରଣ କରିବାରେ ସେ ପ୍ରତ୍ୟକ୍ଷଦେବୀ।

୯. 'ସାତଭାୟା' ବିଷୟରେ ଯାହା ଜାଣିଲେ, ପାଞ୍ଚଟି ବାକ୍ୟରେ ଲେଖିବ।

୧୧

# କର୍ମର ଫଳ



"କୁଣ୍ଡାଖିଆ" ଠାକୁରାଣୀଙ୍କ ପାଖରେ ଗୋଟିଏ ଗାଁ ଅଛି । ସେଇ ଗାଁରେ ବିଭିନ୍ନ ଜାତିର ଲୋକ ବାସକରନ୍ତି । ଗୋଟିଏ ଲୋକର ପିଲାପିଲି କିଛି ହେଉ ନଥିଲା । ସେ ମାଆଙ୍କୁ ମାଜଣା କଲା । ବାଲଧୂପ କଲା । ପିଲାମାନଙ୍କୁ ବାଲଭୋଗ କରି ବାଣ୍ଟିଲା । ମାଆଙ୍କ କରୁଣାରୁ ସେ ଗୋଟିଏ ପୁଅର ଜନନୀ ହେଲା । ତିନିଗୋଟି ଝିଅରେ ସବାସାନ ପୁଅ ସେ । ଗେହ୍ଲାରେ ବଢ଼ିଲା ।

ବାପାଙ୍କର ଅତି ଆଦରର ପୁଅ । ଧୂଳିଖେଳ ସରିଲା । ପାଠ ପଢ଼ିଲା । ପାଠ ପଢ଼ାରେ ମନ ନଥାଏ । ଚଗଲାମିରେ ଦିନ କାଟିଲା । ଗୋଟିଏ ପୁଅ ହୋଇଥିବାରୁ ତାକୁ ବାପ ମାଆ କିଛି କହନ୍ତି ନାହିଁ । ପ୍ରତିଦିନ କଳିଗୋଳ ସମସ୍ୟା ଆଣି ଘରେ ପୁରାଇଲା । ବାପା ସମାଧାନ କରନ୍ତି । ଗେହ୍ଲାରେ ବଢ଼ିଥିବାରୁ, ସେ ସବୁ ସହିଯାଆନ୍ତି ।

ନିଜଘରୁ ସେ ପଇସା ଚୋରିକରି ଖର୍ଚ୍ଚ କଲା । କୁସଙ୍ଗରେ ପଡ଼ି ଅଇରି ଖପରା ବଇରି ବାଆ କଲା । ମାଟ୍ରିକ ପାଶ କଲା । ମାଆ କହିଲେ, ''ପିଲା ଲୋକ, ବଡ଼ ହେଲେ ବୁଦ୍ଧି ହୋଇଯିବ'' । ଖରାପ କାମ କଲେ, ବାପା ତାଗିଦ୍ କରନ୍ତି । ତାଙ୍କ ଆଗରେ ପୁଅ ଆଉ କରିବ ନାହଁ ବୋଲି ମାନିଯାଏ । ଦଣ୍ଡ ତ ପାଏନା । ମଉନ

ହୋଇ ଠିଆହୁଏ । ବାହାର ସାଙ୍ଗମାନଙ୍କ ସଙ୍ଗେ ମିଶିଲେ ଯୋଉକଥାକୁ ସେଇକଥା ।

ବାପା ଚାକିରି କରିଥାଆନ୍ତି । ବାପା ଖୁସିରେ ତାର ନାମ ଦେଇଥାଆନ୍ତି ଗୁଣନିଧି । ହେଲେ ତାର ଗୁଣ ଅପରମାୟ । ସ୍କୁଲରେ ଶୁଣିଥିଲା- "ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି ।" ସେ କିନ୍ତୁ ମିଛ କହିବାରେ ଧୁରନ୍ଧର । ଯେଉଁ କାମ କରିବା କଥା ନୁହଁ, ସେ କାମ ସେ କରେ ।

ବାପା ମାଆଙ୍କ ମନରେ ଘୋର ଦୁଃଖ ଥାଏ । ଘରକୁ ରାତି ଅଧରେ ଫେରେ । ବଡ଼ ଲୋକର ପିଲା ବୋଲି ସାଙ୍ଗମାନେ ତାକୁ ଟିହାଇ ଟଙ୍କାପଇସା ଖର୍ଚ୍ଚ କରାନ୍ତି । ସେ ଆନନ୍ଦରେ ଖାଇପିଇ ବୁଲେ । ସାଙ୍ଗମାନଙ୍କ ସାଙ୍ଗରେ ଭୋଜିକରେ । ପାଠ ବହିରେ ଡୋରି ବାନ୍ଧିଲା । କହିଲା - "ବାପା ମୋତେ ଟଙ୍କା ଦିଅ କାର୍ କିଣି ମୁଁ ଚଳାଇବି" । ବାପା ତା'ର ଗୁଣ ଦେଖି ମନା କଲେ ।

ସେ କାହାର ମନା ନମାନି ଗାଡ଼ି ଶିଖିଲା । ଟୋକାଙ୍କ ସାଙ୍ଗରେ ମିଶି ନିଶାସକ୍ତ ହେଲା । ଘରର ଜିନିଷ ବିକି ଅନ୍ୟମାନଙ୍କୁ ଖୁଆଇଲା । ବାପାଙ୍କର ସେ ହେଲା ମୁଣ୍ଡବିନ୍ଧାର କାରଣ । ମାଆ କହୁଥାଏ, ସେ ଉତ୍ତମ ମଣିଷ ହେବ ।

ଥରେ ପଡ଼ିଶା ଘରୁ ଗୋଟିଏ ଇଲେକ୍ଟ୍ରି ମଟର ଚୋରି ହେଲା । ତା'ପର ଦିନ ବାପା ଅଫିସରେ ଥାଆନ୍ତି । ସାହିର ଟୋକାମାନେ ଧରାହେଲେ । ପୋଲିସ୍ ଅଫିସରେ ପହଞ୍ଚି କହିଲେ - "ଆପଣଙ୍କ ପୁଅ ଚୋରିରେ ସଂପୃକ୍ତ" । ବାପା ହତବାକ୍ ହୋଇ ଚାହିଁଥାଆନ୍ତି । ଘରକୁ ଆସି ଦେଖିଲେ ସେ ଘରେ ନାହିଁ । କୁଆଡ଼େ ଲୁଚିଛି । ଥାନାବାଲାଙ୍କୁ କହି ତାର ନାଁ କଟାଇଦେଲେ, କାରଣ ତାଙ୍କର ସମାଜରେ ଖାତିର ଥିଲା । ସେଥିରୁ ସେ ମୁକୁଳିଗଲା ।

ଆଉଥରେ ପୋଲିସ୍ ବାବୁ ରାତି ଅଧରେ କେତେକ ଟୋକା ବୁଲୁଥିବାର ଦେଖି ଥାନାକୁ ଡାକି ନେଲେ । ସମସ୍ତଙ୍କ ପକେଟ୍ ତନଖି କରାଗଲା । ଗୁଣନିଧି ପକେଟ୍‌ରୁ ନିଶା ଦ୍ରବ୍ୟ ବାହାରିଲା । ତାକୁ କୋର୍ଟକୁ ଚାଲାଣ କଲେ । ଶେଷରେ ତାକୁ ପାଞ୍ଚବର୍ଷ ସଜା ହେବାର ଧମକ ଦିଆଗଲା । ମାଡ଼ ଖାଇଲା । କେତେ କାନ୍ଦିଲା । ମାଆ ମନ ଦୁଃଖ । ବାପା ଅଫିସ୍‌ରୁ ଆସି ପାଣି ପିଇ ବସିଥାଆନ୍ତି । ମନଟା ଦୁଃଖରେ ଭାଙ୍ଗିପଡ଼ିଥାଏ । ଚୋର ମାଆ କାନ୍ଦେ ନାହିଁ, ଯଦି କାନ୍ଦେ, ତୁନି ତୁନି । ସେହିପରି ମାଆର କାନ୍ଦ ବନ୍ଦ ହେଲାନାହିଁ ।

ମାଆର ଖିଆପିଆ ବନ୍ଦ ହୋଇଗଲା । କୁସଙ୍ଗରେ ପଡ଼ି ଏ ଦଶା ଭୋଗିଲା । ବାପାଙ୍କ ପାଟିରୁ କଥା ବାହାରିଲା ନାହିଁ । ଥାନାବାବୁଙ୍କ ପାଖରେ ଯାଇ ପହଞ୍ଚିଲେ ଗୁଣନିଧିର ବାପା । କିଛି ମୁଚାଲିକା ଲେଖି

ପୁଅକୁ ଥାନାରୁ ଆଣିଲେ । ମାଆର ମନ ଶାନ୍ତି ହେଲା । ତା ନାମରେ ଦୁର୍ଗା ମେଢ଼ ଭସାଣୀ ଗଣ୍ଡଗୋଳ, ଦୋକାନ ଲୁଟ୍, ରାହାଜାନି, ଅଶ୍ଳୀଳ ଇଙ୍ଗିତ ସମେତ କେତେକ କେଶ୍ ଥାଏ ।

ଥାନାବାବୁ ଘରକୁ ଆସି ବୁଝେଇଲେ ସେ ମାନେ । କିନ୍ତୁ କାମତକ ଓଲଟା କରେ । ମାଆ ଠାକୁରଙ୍କ ପାଖରେ ଗୁଆ ବସାଇଲା । ପୁଅ କାଳେ ବଦଳିବ । ହେଲେ ଯୋଉ କଥାକୁ ସେଇ କଥା । ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ।

ଦିନକୁ ଦିନ ଅନେକ ଘଟଣା କରିବାରୁ ସାହିର ଲୋକେ ମିଶି ବାଡ଼େଇ, ବାଡ଼େଇ ତା'ର ଗୋଟିଏ ଗୋଡ଼ ଭାଙ୍ଗିଦେଲେ । ଡାକ୍ତରଖାନାରେ ପଡ଼ିଲା । ମାଆ, ବାପା ପ୍ରତିଦିନ ତା'ର ଦେଖାଶୁଣା କଲେ । ଶେଷରେ ତା'ର ଡାହାଣ ଗୋଡ଼ କଟାହେଲା । ଘରେ ପଡ଼ି ରହିଲା । ଆଖ୍ରା ବାଡ଼ି ଧରି ଯିବା ଆସିବା କଲା । ତା' ପରଦିନଠାରୁ ଘର ଛଡ଼ା ତାକୁ ପଦାରେ କେହି ଦେଖିଲେ ନାହିଁ । ସୁନାପିଲା ପରି ଖାଇପିଇ ପାଠ ପଢ଼ିଲା । ଠାକୁରଙ୍କ ଦୟାରୁ ଛୋଟା ଗୋଡ଼ ଯୋଗୁଁ ଚାକିରି ଖଣ୍ଡିଏ ପାଇ ବାପା ମାଆଙ୍କର ଶ୍ରଦ୍ଧାଭାଜନ ହେଲା । ପଛ କଥା ମନେପକାଇ ନିଜକୁ ଧିକ୍କାର କଲା ।

ବାପା, ମାଆଙ୍କ ପାଦରେ ପ୍ରଣାମ କରି ସଂସାର କଲା । ମାଆ ଥରେ ଗୁଣନିଧିର ବାପାଙ୍କୁ କହିଲେ - "ଦେଖିଲ, ପୁଅ କେମିତି ଠାକୁରଙ୍କ ଦୟାରୁ ବଦଳି ଗଲା ।" ବାପା କହିଲେ - "ଗୁଣନିଧି, ମଣିଷ ପରି ମଣିଷ ହଅ ।" ସେହିଦିନଠାରୁ ତା'ର ଜୀବନ ନୂଆ ମୋଡ଼ ନେଲା ।

**ଆସ, ନୂଆ ଶବ୍ଦ ଜାଣିବା ।**

| | | | |
|---|---|---|---|
| ଦ୍ରବ୍ୟ | ଅଶ୍ଳୀଳ | ତନଖି | ରାହାଜାନି |
| ଲୁଟ୍ | ଭସାଣି | ଇଙ୍ଗିତ | ମୁଚାଲିକା |

## ୧. ଆସ, କଥାବାର୍ତ୍ତା ହେବା ।

(କ) ପୁଅଟି କିପରି ବଢ଼ିଲା ?

(ଖ) ସାଙ୍ଗମାନଙ୍କ ସାଙ୍ଗରେ ମିଶି ସେ କ'ଣ ହେଲା ?

(ଗ) ମାଆର ଇଚ୍ଛା କ'ଣ ଥିଲା ?

(ଘ) ପୋଲିସ୍ ତା'ର ବାପାଙ୍କୁ କେଉଁ କଥା କହିଲେ ?

(ଙ) କି ପ୍ରକାର ସେବା କରି ମାଆ ପୁଅଟିଏ ପାଇଲେ ?

୨. ଆସ, ବିଷୟରୁ ଉତ୍ତର ଖୋଜି ବାହାର କରିବା ।

(କ) ମାଆ ଥରେ ଗୁଣନିଧିର ବାପାଙ୍କୁ କ'ଣ କହିଲେ ?

(ଖ) କୁସଙ୍ଗରେ ପଡ଼ି ସେ କି, କି କୁଅଭ୍ୟାସ କଲା ?

(ଗ) ବାପା ଥାନାରୁ କ'ଣ ଲେଖି ପୁଅକୁ ଆଣିଲେ ?

(ଘ) କାହିଁକି ବାପାଙ୍କର ମୁଣ୍ଡ ତଳକୁ ହେଲା ?

(ଙ) ପୁଅର ପରିବର୍ତ୍ତନ ପାଇଁ ମାଆ କ'ଣ କଲା ?

(ଚ) ଠାକୁରାଣୀଙ୍କର ନାମ କ'ଣ ଥିଲା ?

୩. ସରଳ ଭାଷାରେ ବୁଝାଇ ଲେଖିବା ।

(କ) ଚୋର ମାଆ କାନ୍ଦେ ନାହିଁ, ଯଦି କାନ୍ଦେ ତୁନି ତୁନି ।

(ଖ) ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ।

୪. ଆସ ତଳେ ଦିଆଯାଇଥିବା ଶବ୍ଦକୁ ଲଗାଇ ଗୋଟିଏ ଗୋଟିଏ ବାକ୍ୟ ଗଢ଼ିବା ।

ପ୍ରଣାମ, ଦେଖାଶୁଣା, ଶ୍ରଦ୍ଧା, ଧମକ, ଭସାଣି

୫. 'କ' ସ୍ତମ୍ଭରୁ ଥିବା ଶବ୍ଦ ସହ 'ଖ' ସ୍ତମ୍ଭର କେଉଁ ଶବ୍ଦର ସଂପର୍କ ଅଛି, ଆସ ଡାହାଣ ପଟେ ଲେଖିବା ।

| 'କ' | 'ଖ' | 'ଗ' |
|---|---|---|
| ସଙ୍ଗ | ପିଇ | ସଙ୍ଗ – ଦୋଷ |
| ପିଲା | କାମ | ________ |
| ଖାଇ | ଲୋକ | ________ |
| ଖରାପ | ଧୂପ | ________ |
| ବଡ଼ | ବାଆ | ________ |
| କାଳ | ଦୋଷ | ________ |
| ବଇରି | ପିଲି | ________ |

୬. ତଳେ ଦିଆଯାଇଥିବା ଶବ୍ଦର ୨ ଟି ଲେଖାଏଁ ପ୍ରତି ଶବ୍ଦ ଲେଖ।

| | | | | |
|---|---|---|---|---|
| ସୂର୍ଯ୍ୟ | ________ | ________ | ପୃଥିବୀ | ________ |
| ମାଆ | ________ | ________ | ପାଣି | ________ |
| ସମୁଦ୍ର | ________ | ________ | ଫୁଲ | ________ |


୭. ଯେପରି "ଚକ୍ ଚକ୍" ଶବ୍ଦ ହୋଇଛି, ଆଉ ଚାରୋଟି ଶବ୍ଦ ତଳେ ଲେଖିବା।

________ ________

________ ________

୮. "କର୍ମର ଫଳ" ବିଷୟରୁ କ'ଣ ଶିଖିଲ, ପାଞ୍ଚଟି ବାକ୍ୟରେ ଲେଖିବା।

# ୧୨ ମୋ ଭାରତ ମହାନ୍



ମୋତିଲାଲଙ୍କ ବୈଠକଖାନାଟି ସୁନ୍ଦର ଭାବେ ସଜା ହୋଇଥାଏ। ଟେବୁଲ୍ ଉପରେ ଦୁଇଟି କଲମ ଚକ୍‌ଚକ୍ କରୁଥାଏ। ବାପା ନଥିବା ବେଳେ ପୁଅ ସେ ଘରକୁ ଥରେ ଯାଇଥାଏ। ସେ କଲମରୁ ଗୋଟିଏ ନେବା ପାଇଁ ମନ ବଳାଇଲା। ଭାବିଲା, ବାପାଙ୍କର ଗୋଟିଏ ହେଲେ ଚଳିବ, ତେବେ ଦୁଇଟା କଲମ କ'ଣ ଦରକାର ? ତେଣୁ ସେ ଗୋଟିଏ ନେଇ ଗଲା।

ସନ୍ଧ୍ୟା ଗଡ଼ିଯାଇ ରାତି ହେଲା। ବାପା ଟେବୁଲ୍ ଉପରେ ଦୁଇଟି କଲମ ବଦଳରେ ଗୋଟିଏ କଲମ ଦେଖି ସମସ୍ତଙ୍କୁ ପଚାରିଲେ। କେହି ମାନିଲେ ନାହିଁ। ଶେଷରେ ଚିନ୍ତାକଲେ, ତାଙ୍କ ପୁଅ ମଝିରେ, ମଝିରେ ଘର ଭିତରକୁ ଆସେ। ତାକୁ ଡକାଇ ଚାପୁଡ଼ାଏ ମାରିବାରୁ ସେ ସବୁକଥା ମାନିଗଲା। ଅନେକ କାନ୍ଦିଲା ମଧ। ବାପା କହିଲେ, "ଏଡ଼େ ବଢ଼କଟେ ପିଲା, ଚୋରି କରୁଛୁ, ମିଛ ପୁଣି କହୁଛୁ ?" କାହାକୁ ନକହି କିଛି ଜିନିଷ ନେବା ଚୋରି ସାଙ୍ଗେ ସମାନ୍।

ସେ ଆଉ କେହି ନୁହଁନ୍ତି, ସେ ହେଉଛନ୍ତି **'ଜବାହରଲାଲ୍'** ନେହେରୁ। ତାଙ୍କ ବାପାଙ୍କର ନାମ ମୋତିଲାଲ୍। ସେ ୧୮୮୯ ମସିହା ନଭେମ୍ବର ମାସ ୧୪ ତାରିଖରେ ଜନ୍ମ ହୋଇଥିଲେ ଏହ୍ଲାବାଦ୍‌ରେ। ମାଆ **ସ୍ୱରୂପାରାଣୀଙ୍କ** ସ୍ନେହରେ ଲାଳିତ ପାଳିତ ହେଲେ। ଆଇନ୍ ବିଦ୍ୟା ପାଶ୍ କଲେ। ଭାରତରେ

ପ୍ରଥମ ମୁକୁଟ ବିହୀନ ପ୍ରଧାନମନ୍ତ୍ରୀ ହେଲେ । ସେ ଦେଶକୁ ନିଜ ପ୍ରାଣଠାରୁ ଅଧିକ ଭଲ ପାଉଥିଲେ । ସେ କହୁଥିଲେ, "ଭାରତବାସୀ ମୋତେ ଅଶେଷ ସ୍ନେହ ଦେଇ ଭଲ ପାଇଛନ୍ତି । ସେମାନଙ୍କର କିଛି ଉପକାର ହେବ ବୋଲି ମୋ ଉପରେ ଭରସା ରଖିଛନ୍ତି । ମୋତେ ପ୍ରଧାନ ମନ୍ତ୍ରୀର ଆସନରେ ବସେଇଛନ୍ତି । ମୁଁ ମୋର ଶେଷ ନିଃଶ୍ୱାସ ଚାଲୁଥିବା ପର୍ଯ୍ୟନ୍ତ ଭାରତବାସୀଙ୍କ ସେବା କରିଯିବି ।"

ସେ କହନ୍ତି - "ମୋ ଭାରତ ମହାନ୍ ।" ଭାରତମାତାର ମୁକ୍ତି ପାଇଁ, ନିଜର ସୁଖ ସୁବିଧାକୁ ସେ ଭୁଲିଯାଇଥିଲେ । ସେତେବେଳେ ଇଂରେଜମାନଙ୍କ ଦ୍ୱାରା ଦେଶ ଶାସିତ ହେଉଥିଲା । ସେ କଂଗ୍ରେସରେ ଯୋଗ ଦେଲେ । ରାଜନୀତି କଲେ । ଗାନ୍ଧୀଙ୍କର ମୃତ୍ୟୁ ପୂର୍ବରୁ ସେ ଜବାହରଙ୍କୁ ନିଜର ଉତ୍ତରାଧିକାରୀ ଭାବେ ବାଛି ଯାଇଥିଲେ । ସେ କହିଥିଲେ - "ମୁଁ ଯେତେବେଳେ ନଥିବି, **ଜବାହର** ମୋର ସ୍ଥାନ ପୂରଣ କରିବେ । କାରଣ, ସେ ମୋ କଥାକୁ ଆଖି ବୁଜି ଗ୍ରହଣ କରି ନାହାନ୍ତି । ମୋ ସହ ଯୁକ୍ତି କରିଛନ୍ତି । ମୋ ସହ ବହୁ ସମୟରେ ତାଙ୍କ ମତରେ ଅମେଳ ରହିଛି । ତଥାପି ସେ ଭାରତବାସୀଙ୍କ ପ୍ରତି ଅଗାଧ ମମତା ପୋଷଣ କରନ୍ତି । କାର୍ଯ୍ୟ କରିବା ପାଇଁ ତାଙ୍କ ପାଖରେ ଅସୀମ ଶକ୍ତି ରହିଛି । ସେପରି ଶକ୍ତି ଅନ୍ୟ କାହାଠାରେ ଦେଖାଯାଏ ନାହିଁ । ତେଣୁ ସେ ହେବେ ମୋର ଉତ୍ତରାଧିକାରୀ ।"

୧୯୧୬ ମସିହାରେ ଜବାହରଲାଲ୍ କମଳାଙ୍କୁ ବିବାହ କଲେ । ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ ଚାଲିଥାଏ । ଆନ୍ଦୋଳନରେ ଇଂରେଜ ସରକାର ରାଗିଯାଇ ମୋତିଲାଲ୍ ଓ ଜବାହରଙ୍କୁ ଗିରଫ କଲେ । ଜେଲ୍ ହେଲା ତାଙ୍କର ଘର । ତ୍ୟାଗ ତାଙ୍କର ଅସୀମ । ଜେଲ୍‌ରୁ ବାହାରି "ବିଦେଶୀ ଜିନିଷ ବର୍ଜନ କର" - ସ୍ଲୋଗାନ୍ ଦେଲେ ।

ଜବାହରଲାଲ୍ ନେହେରୁ କହିଥିଲେ - "ଯେଉଁମାନେ ସ୍ୱାଧୀନତା ପାଇଁ ଲଢ଼ନ୍ତି, ଜେଲ୍ ସେମାନଙ୍କର ସ୍ୱର୍ଗ ।" କଂଗ୍ରେସ ଅଧିବେଶନ ପଞ୍ଜାବର ଲାହୋରରେ ବସିଲାବେଳେ, ସମସ୍ତେ ଗାନ୍ଧିଜୀଙ୍କୁ ସଭାପତିତ୍ୱ କରିବାକୁ କହିଲେ । ଗାନ୍ଧୀ କହିଲେ, ଜବାହର ହେବେ ସଭାପତି । ଶେଷକୁ ସେଇଆ ହେଲା ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେଲା । ସେ ହେଲେ ପ୍ରଥମ ପ୍ରଧାନମନ୍ତ୍ରୀ । ସ୍ୱାଧୀନ ଭାରତର ପ୍ରଧାନ ମନ୍ତ୍ରୀ ଭାବରେ ରହି ୧୯୬୪ ମସିହା ମେ' ମାସ ୨୭ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ସାରା ଭାରତବର୍ଷରେ ତାଙ୍କ ଜନ୍ମ ଦିନକୁ **''ଶିଶୁ ଦିବସ''** ରୂପେ ପାଳନ କରାଯାଏ, କାରଣ ସେ ପିଲାମାନଙ୍କୁ ଅଧିକ ଭଲ ପାଉଥିଲେ ।

ତାଙ୍କର ଉଦ୍ୟମ ଯୋଗୁଁ ବିଶ୍ୱର ଚାରିଆଡ଼େ ଭାରତର ମହିମା ପ୍ରଚାରିତ ହୋଇଥିଲା । ମୃତ୍ୟୁ ବେଳକୁ ସେ ହୋଇଯାଇଥିଲେ "ବିଶ୍ୱମାନବ" । ତାଙ୍କର ଆଦର୍ଶ ଆମ ଜୀବନରେ ପ୍ରତିଫଳିତ ହେଲେ ତାଙ୍କର ଆତ୍ମା ଶାନ୍ତି ପାଇବ ।

**ଆସ, ନୂଆ ଶବ୍ଦଗୁଡ଼ିକୁ ଜାଣିବା ।**

| | | | |
|---|---|---|---|
| ମୁକ୍ତି | ଅସୀମ | ଆନ୍ଦୋଳନ | ବିଶ୍ୱମାନବ |
| ଯୁକ୍ତି | ପୋଷଣ | ଅଧିବେଶନ | ସ୍ଲୋଗାନ୍ |
| ବନ୍ଦୀ | ଅଗାଧ | ସଭାପତିତ୍ୱ | |

## ପ୍ରଶ୍ନାବଳୀ

**୧. ଆସ, କଥା କୁହାକୁହି ହେବା ଏବଂ ଲେଖିବା ।**

(କ) ନେହେରୁ କେଉଁଠାରେ ଜନ୍ମ ହୋଇଥିଲେ ?

(ଖ) ଭାରତବର୍ଷ କେବେ ସ୍ୱାଧୀନ ହେଲା ?

(ଗ) ସେ କେବେ ଓ କାହିଁକି ବନ୍ଦୀ ହୋଇଥିଲେ ?

(ଘ) ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ କିଏ ହୋଇଥିଲେ ?

**୨. ଆସ, ଉତ୍ତର ବାହାର କରି ଲେଖିବା ।**

(କ) ନେହେରୁଙ୍କ ଜନ୍ମଦିନକୁ କେଉଁ ଦିବସ ରୂପେ ପାଳନ କରାଯାଏ ?

(ଖ) ସେ "ବିଶ୍ୱମାନବ" ବୋଲି କାହିଁକି ପରିଚିତ ହୋଇଥିଲେ ?

(ଗ) ସେ ଜେଲ୍‌ରୁ ବାହାରି କେଉଁ ସ୍ଲୋଗାନ୍ ଦେଇଥିଲେ ?

(ଘ) ତାଙ୍କର ବାପା, ମାଆଙ୍କ ନାମ କ'ଣ ଥିଲା ?

(ଙ) ମୋତିଲାଲ୍ କ'ଣ ପାଇଁ ନେହେରୁଙ୍କୁ ଚାପୁଡ଼ା ମାରିଥିଲେ ?

(ଚ) ଗାନ୍ଧୀ ମୃତ୍ୟୁ ପୂର୍ବରୁ ନେହେରୁଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବେ ବାଛିଥିଲେ କାହିଁକି ?

(ଛ) ପ୍ରଧାନମନ୍ତ୍ରୀ ହେବା ପରେ ନେହେରୁ ଜନତାଙ୍କ ପାଇଁ କ'ଣ କହିଥିଲେ ?

**୩. ଆସ, ତଳେ ଦିଆଯାଇଥିବା ଶବ୍ଦର ବିପରୀତ ଶବ୍ଦ ଲେଖିବା ।**

| | | | | | |
|---|---|---|---|---|---|
| ମୃତ୍ୟୁ | ________ | ସାଧୁ | ________ | ସ୍ୱର୍ଗ | ________ |
| ଭଲ | ________ | ଅସୀମ | ________ | ଜ୍ଞାନୀ | ________ |

**୪. ତଳେ ଦିଆଯାଇଥିବା ପ୍ରଶ୍ନକୁ ବୁଝାଇବା ସରଳ ଭାଷାରେ ।**

(କ) ମୁଁ ମୋର ଶେଷ ନିଃଶ୍ୱାସ ଚାଲୁଥିବା ପର୍ଯ୍ୟନ୍ତ ଭାରତବାସୀଙ୍କ ସେବା କରିଯିବି ।"

(ଖ) ଯେଉଁମାନେ ସ୍ୱାଧୀନତା ପାଇଁ ଲଢ଼ନ୍ତି, ଜେଲ୍ ସେମାନଙ୍କର ସ୍ୱର୍ଗ ।

୫. ଆସ, ନିମ୍ନରେ ଦିଆଯାଇଥିବା ଶବ୍ଦକୁ ଲଗେଇ ଗୋଟିଏ ଗୋଟିଏ ବାକ୍ୟ ଗଢ଼ିବା ।

ସ୍ୱାଧୀନତା ______________________

ଚକ୍‌ଚକ୍ ______________________

ମୁକୁଟ ______________________

ସ୍ଲୋଗାନ୍ ______________________

ଶକ୍ତି ______________________

ତ୍ୟାଗ ______________________

ଶାନ୍ତି ______________________

୬. 'ସ୍ୱାଧୀନ'ରୁ ଯେପରି 'ସ୍ୱାଧୀନତା' ହୋଇଛି, ତଳେ ଦିଆଯାଇଥିବା ଶବ୍ଦର କ'ଣ ହେବ ଆସ ଲେଖିବା।

ମହାନ ______________________

ବଦାନ୍ୟ ______________________

ଭୀରୁ ______________________

ନମ୍ର ______________________

୭. 'ଭାରତ' ଯେପରି ଏକ ଦେଶର ନାମ, ସେହିପରି କେତୋଟି ନାମ ଦିଆଯାଇଛି । ତାହା କ'ଣ କୋଠରିରେ ଲେଖିବା ।

| | | | |
|---|---|---|---|
| ନେହେରୁ | | ଆଇନ୍ | |
| ଏହ୍ଲାବାଦ୍ | | ହିମାଳୟ | |
| ଗଙ୍ଗା | | ଜାନୁୟାରୀ | |

୮. ଆସ, ଶୂନ୍ୟ ସ୍ଥାନ ପୂରଣ କରିବା । କୋଠରିରୁ ଠିକ୍ ଶବ୍ଦ ନେଇ ।

(କ) କହି ଜାଣିଲେ ______________ ।

(ଖ) ନଈ ନ ଦେଖୁଣୁ ______________ ।

(ଗ) ଘର ଢିଙ୍କି ______________ ।

ପୋତା, ଲଙ୍ଗଳା, ଟୋକା, କୁମ୍ଭୀର, ଟୋପି, ଓଉ, କଥା ସୁନ୍ଦର

(ଘ) ଉଭା ଯେତେ, ____________________ ସେତେ।

(ଙ) ସରଗରୁ ପଡ଼ିଲା ______________ ଟିଏ, ତା' ମୁଣ୍ଡରେ ______________ ଟିଏ।

(ଚ) ନ ଦେଖିଲା ____________________ ଛ' ଫଡ଼ା।

୯. ବିଷୟରେ ଥିବା ପାଠରୁ ଆଗରେ ଓ ପଛରେ ଛାଡ଼ିଯାଇଥିବାକୁ ପୂରଣ କରିବା।

(କ) ____________________ ମୁକୁଟ ବିହୀନ ____________________।

(ଖ) ____________________ ଜବାହର ____________________।

(ଗ) ____________________ କିଛି ଜିନିଷ ____________________।

(ଘ) ____________________ ଭାରତବାସୀଙ୍କ ____________________।

(ଙ) ____________________ ସ୍ୱାଧୀନତା ପାଇଁ ____________________।

୧୦. ପଠିତ ବିଷୟରୁ ଜବାହରଲାଲ ନେହେରୁଙ୍କର ଜୀବନୀ ବିଷୟରେ ପାଞ୍ଚ ଧାଡ଼ିରେ ଲେଖ।

________________________________________

________________________________________

________________________________________

________________________________________

________________________________________

# ୧୩ କଲମ ଆଉ କାଳି




କଲମ ଆଉ କାଳି
ଦୁହିଁକି ଦୁହେଁ କଜିଆ କଲେ
ଦାଣ୍ଡ କବାଟ କିଳି ।



**କଲମ:**
କଲମ କହେ କେଉଁଠିଥିଲୁ
ଆଲୋ ତୁ ଅଲାଜୁକି
ଦୁନିଆଁରେ ମୁଁ ଚିହ୍ନେଇ ଦେଲି
ଟିକେ ନ ଭାବୁଛୁ କି ?

**କାଳି:**
ବହପ କାଢ଼ି କହୁଛୁ କଥା
ମତେ ତୁ ଚିହ୍ନେଇଲୁ
ମୋ ପାଇଁ ତୋର ନାଆଁ ଫିଟିଲା
ମନେ ଚିନ୍ତା ନକଲୁ ।







**କଲମ:**
ରହିଥାଆନ୍ତୁ ଘର କୋଣରେ
ନୂଆ ବୋହୂଟି ପରି ।

କିଏ କାହିଁକି ପଚାରୁ ଥାନ୍ତେ
ନେଲି ଆପଣା କରି ।

**କାଳି:**
ପେଟରେ ତୋର ଦାନା ମୁଁ ହେଲି
ଦାନାକୁ ନିନ୍ଦା କଲୁ
ନ ପଶିଲେ ତୋ ପେଟରେ ଥରେ
କେ ଚିହ୍ନିବ କହିଲୁ ?








**କଲମ:**

ପେଟନଥିଲେ ଦାନା ଥାଆନ୍ତା
ଲାଗନ୍ତା ନାହିଁ କାମେ
ମୋ ବିନା ତତେ କିଏରେ ଚିହ୍ନେ
ଜାଣିବ କିଏ ଜଣେ ?

**କାଳି:**

କାଗଜ ପରା ସାକ୍ଷୀ ରହିଛି
ଅଛି ମୋ ପାଦଚିହ୍ନ
ତୋହର କିଛି ସନ୍ତକ ଅଛି
କହିଲୁ ତୁ କଲମ ?






**କଲମ:**

ହାରି ମୁଁ ଗଲି କାଳି ତୋ ପାଖେ
ସବୁଠି ତୋର ନାଁ
ବାରବାଟି ମୁଁ ଜମି ଚଷୁଛି
ନୁହେଁ କେହି ମୋ ଗାଁ ।

**କାଳି:**

ଟଙ୍କାର ଆମେ ଦୁଇଟି ପାଖ
ଦୁନିଆଁ ରାଜ ଦାଣ୍ଡେ
ତୋ ବିନା ମୁହିଁ ମୋ ବିନା ତୁହି
ପାରିବାନି ଚାଲି ଦଣ୍ଡେ ।






**(କଲମ-କାଳି):**

ଆମେ ତ ଦୁହେଁ ସାଙ୍ଗ ହୋଇବା
କରିବା ନାହିଁ କଳି
ଲୋକେ ଦେଖିଲେ ଥଟ୍ଟା କରିବେ
ମାରିବେ ନାଚି ତାଳି ।



## ଆସ, ନୂଆ ଶବ୍ଦଗୁଡ଼ିକ ବିଷୟରେ ଜାଣିବା ।

| | | | |
|---|---|---|---|
| ସାକ୍ଷୀ | ବହପ | ଆପଣା | ଅଲାଜୁକ |
| ଚିହ୍ନ | ସନ୍ତକ | କଜିଆ | ରାଜଦାଣ୍ଡେ |

# ପ୍ରଶ୍ନାବଳୀ

## ୧. ଆସ, କଥାବାର୍ତ୍ତା ହେବା ।

(କ) କବାଟ କିଳି କିଏ କିଏ କଜିଆ କଲେ ?

(ଖ) କାଗଜ କାହାର ସାକ୍ଷୀ ଅଛି ?

(ଗ) କିଏ କଲମର ଦାନା ଦିଏ ?

(ଘ) କେଉଁମାନେ ଶେଷରେ ସାଙ୍ଗ ହେବାକୁ କହିଛନ୍ତି ?

(ଙ) ଶେଷରେ କିଏ ହାରିଗଲା ?

## ୨. ଆସ, ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା ୨ ଧାଡ଼ିରେ ।

(କ) ଟଙ୍କାର ଆମେ ଦୁଇଟି ପାଖ - ଏକଥା କିଏ କାହାକୁ କହିଛି ?

(ଖ) କାଗଜ ପରା ସାକ୍ଷୀ ରହିଛି, ଅଛି ମୋ ପାଦଚିହ୍ନ ।

## ୩. ଆସ ନିମ୍ନଲିଖିତ ଶବ୍ଦକୁ ନେଇ ବାକ୍ୟ ଗଢ଼ିବା ।

ସାକ୍ଷୀ ____________________

ସନ୍ତକ ____________________

ଥଟ୍ଟା ____________________

ଆପଣା ____________________

ନିନ୍ଦା ____________________

ବହପ ____________________

## ୪. ତଳେ ଦିଆଯାଇଥିବା କେତେକ ଶବ୍ଦର 'ଯୋଡ଼ା ଶବ୍ଦ' ଲେଖିବା ।

ଘର ____________________

କିଣା ____________________

ଗପ ____________________

ସାଙ୍ଗ ____________________

ଜଣା ____________________

୫. **ଆସ, ପ୍ରଶ୍ନର ଉତ୍ତର କବିତାରୁ ଖୋଜିବା ।**

(କ) କାହା ପାଇଁ କାହାର ନାଁ ଫିଟିଲା ?

(ଖ) କେଉଁମାନେ ଟଙ୍କାର ଦୁଇଟି ପାଖ ?


(ଗ) ଦୁନିଆଁରେ କିଏ ଚିହ୍ନେଇ ଦେଲା ?

(ଘ) ନୂଆ ବୋହୂ ପରି କିଏ ଘର କୋଣରେ ଥାଆନ୍ତା ?

୬. **ପଦ୍ୟ ରୂପ ତଳେ ଦିଆଯାଇଛି । ତାହାର ଗଦ୍ୟ ରୂପ କ'ଣ ହେବ ଆସ ଲେଖିବା ଡାହାଣ ପଟ କୋଠରିରେ ।**

| | | | |
|---|---|---|---|
| କରମ | | ମରମ | |
| ସରଗ | | ସରତ | |
| ଶରଧା | | ଖରଚ | |
| ସରବ | | ପରବ | |

# ୧୪ ବଡ଼ ଭୋଜନାଳୟ "ଆନନ୍ଦ ବଜାର"



ଜଗତର ନାଥ ଜଗନ୍ନାଥ ହେଉଛନ୍ତି ନୀଳାଚଳବାସୀ । ସେ ରତ୍ନ ବେଦୀରେ ବସି ପୂଜା ପାଆନ୍ତି । ପାଖରେ ବଡ଼ଭାଇ ବଳଭଦ୍ର ଓ ମଝିରେ ସାନ ଭଉଣୀ ସୁଭଦ୍ରା । ଷାଠିଏ ପଉଟି ଭୋଗ ନିତି ହୁଏ । ଆଗରେ ଗରୁଡ଼ ପକ୍ଷୀ ଦଣ୍ଡାୟମାନ । ଭକ୍ତମାନେ ଗରୁଡ଼ ପାଖରେ ଦୀପ ଜାଳନ୍ତି । ସନ୍ଧ୍ୟା ଆଳତୀ ସମୟରେ "ଗୀତ ଗୋବିନ୍ଦ" ବୋଲାଯାଏ । ପ୍ରଭୁଙ୍କୁ ଗୀତଗୋବିନ୍ଦ ଶୁଣିବାକୁ ଆନନ୍ଦ ଲାଗେ ।

ମନ୍ଦିରର ବାହାର ବେଢ଼ାର ନାଁ ହେଉଛି "ମେଘନାଦପାଚେରୀ" । ସମୁଦ୍ରର ଗର୍ଜନ ମନ୍ଦିର ଭିତରକୁ ଶୁଭେନାହିଁ, କାରଣ ବରୁଣ ରାଜା ହେଉଛନ୍ତି ଜଗନ୍ନାଥଙ୍କର ଶ୍ୱଶୁର । ତାଙ୍କର ଅଲିଅଳ ଝିଅ ଲକ୍ଷ୍ମୀ ଜଗନ୍ନାଥଙ୍କୁ ବିବାହ କରିଥିଲେ । ତାଙ୍କର ଗୁରୁଗର୍ଜନ ଠାକୁରଙ୍କ କାନରେ ବାଜେନାହିଁ ।

ଯେଉଁ ଭୋଗ ଠାକୁରଙ୍କ ପାଖରେ ହୁଏ, ତାହା ବିମଳାଙ୍କ ପାଖରେ ଲାଗି ହେଲେ ଯାଇ "ମହାପ୍ରସାଦ" ହୁଏ । ତାହା ସର୍ବସାଧାରଣରେ ବିକ୍ରୀ ହୁଏ । ଏହା ମହାଲକ୍ଷ୍ମୀଙ୍କର ରାନ୍ଧଣା । ମହାପ୍ରସାଦ ଆନନ୍ଦବଜାରରେ ବିକ୍ରୀ ହୁଏ । ଏଠାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଖାଆନ୍ତି । ଅଇଁଠା ଏଠାରେ ହୁଏନାହିଁ । ଏହାର ସେବନ, ପ୍ରାପ୍ତି ଏବଂ ପରେ ମୁଣ୍ଡରେ ହାତବୋଳି ଦେବାରେ, ମନରେ ସଦ୍‌ଭାବର ଆରମ୍ଭ ହୁଏ । ଅନ୍ନ ପ୍ରସାଦରୁ କଣିକାଏ ବା ଶୁଖିଲା ଅନ୍ନକୁ ନିର୍ମାଲ୍ୟ କହନ୍ତି ।

ଛପନ ପ୍ରକାର ଭୋଗ ଲାଗିହୁଏ ଜଗନ୍ନାଥଙ୍କ ପାଖରେ । ଖାଦ୍ୟ ସାମଗ୍ରୀ ମଧ୍ୟରେ ସୁଆଦିଆ ରସାବଳୀ, ରାବିଡ଼ି, କାନିକା, ପିଠା, ବେସର, ବଗଡ଼ା ଅନ୍ନ ଓ ଡ଼ାଲି ମଧ୍ୟ ହୋଇଥାଏ । ମହାରାଜାଙ୍କଠାରୁ ଦରିଦ୍ର ପର୍ଯ୍ୟନ୍ତ ସମସ୍ତେ ଏ ପ୍ରସାଦ ପାଆନ୍ତି । ମହାପ୍ରସାଦ ଭାରି ସୁଖକର ଓ ଆନନ୍ଦଦାୟକ ମଧ୍ୟ ।

ମହାପ୍ରସାଦ ସେବନକୁ ସଂହତି କୁହାଯାଏ । ଚାରୋଟି ଧାମ ହେଉଛି ଭାରତରେ ଶ୍ରେଷ୍ଠ ଧାମ ଯଥା: ଉତ୍ତରରେ ବଦ୍ରୀନାଥ, ପଶ୍ଚିମରେ ଦ୍ୱାରକାନାଥ, ପୂର୍ବରେ ଜଗନ୍ନାଥ ଓ ଦକ୍ଷିଣରେ ରାମେଶ୍ୱରନାଥ । ଲକ୍ଷ ଲକ୍ଷ ଲୋକ ଶ୍ରୀମନ୍ଦିରରେ ପ୍ରବେଶ କଲେ ମଧ୍ୟ ଭୋଜନ କରିପାରନ୍ତି । ଶତ୍ରୁ, ମିତ୍ର ସାଙ୍ଗ ହୋଇ ପ୍ରସାଦସେବନ କରନ୍ତି । ପରସ୍ପର ଭେଦଭାବ ଭୁଲିଯାଆନ୍ତି । ଆନନ୍ଦ ବଜାରକୁ "କୈବଲ୍ୟ ଖଳା" କୁହାଯାଏ ।

ଶ୍ରୀମନ୍ଦିରର ଆନନ୍ଦ ବଜାର ହେଉଛି ପୃଥିବୀର ସବୁଠାରୁ ବଡ଼ ଭୋଜନାଳୟ । ପରସ୍ପର ମଧ୍ୟରେ ବନ୍ଧୁତାର ବନ୍ଧ ପକାଏ ଏ ମହାପ୍ରସାଦ । ଜଗନ୍ନାଥଙ୍କ ପ୍ରସାଦର ନାଁ ମହାପ୍ରସାଦ, ଦାଣ୍ଡର ନାଁ ବଡ଼ଦାଣ୍ଡ, ମନ୍ଦିରର ନାଁ ଶ୍ରୀମନ୍ଦିର । ସବୁ ତାଙ୍କର ବଡ଼ । ତାଙ୍କର ବଡ଼ ବଡ଼ ଆଖି, ବଡ଼ ରଥ, ବଡ଼ ପେଟ ଓ ବଡ଼ ଯାତ୍ରା ରଥଯାତ୍ରା । ଏହାକୁ ଘୋଷଯାତ୍ରା ମଧ୍ୟ କୁହାଯାଏ ।

ମହାପ୍ରସାଦ ବଢ଼ା ହେଉନଥିବାରୁ ଏହାର ନାଁ ଅବଢ଼ା । ଯବନ କବି ସାଲବେଗ, ବାଉରୀ ଭକ୍ତ ଦାସିଆ, ମହାନ୍ତି ଭକ୍ତବନ୍ଧୁ, ଖ୍ରୀଷ୍ଟିୟାନ୍ ଭକ୍ତ କ୍ୟାପଟେନ୍, ଭକ୍ତ ମନୋହର ଦାସ, ମହାରାଷ୍ଟ୍ରର କର୍ମାବାଈ, ଦକ୍ଷିଣ ଆଲ୍ଲାର ବନ୍ଦାଚାର୍ଯ୍ୟ ତାଙ୍କର ଚରଣାଶ୍ରିତ ହୋଇ ଲୀନ ହୋଇଛନ୍ତି ପ୍ରଭୁଙ୍କ ଦେହରେ ।

ସେଠାରେ ଉଚ୍ଚ ନୀଚ, ଧନୀ ଦରିଦ୍ର, ରାଜାପ୍ରଜା, ମହାଜନ ଖାତକ, ମାଲିକ ଓ ଚାକରର ଅବାଧ ପ୍ରବେଶ ରହିଛି । ଦେଉଳରେ ଯେପରି ସମସ୍ତେ ସମାନ, ଆନନ୍ଦ ବଜାରରେ ସେହିପରି ସମସ୍ତେ ସମାନ ।

ସମସ୍ତେ ପ୍ରଭୁଙ୍କର ସନ୍ତାନ । ତାଙ୍କର ପ୍ରସାଦକୁ ଜୀବନର ଶେଷ ବେଳାରେ ତୁଣ୍ଡରେ ନେଲେ ଲୋକର ବୈକୁଣ୍ଠ ପ୍ରାପ୍ତି ହୁଏ । ସେ ସ୍ୱର୍ଗଲୋକ ଯାଏ ।

ଜଗନ୍ନାଥ ହେଉଛନ୍ତି ସନାତନ ଧର୍ମର ପ୍ରତୀକ । ସେ ସର୍ବଶକ୍ତିମାନ । ତାଙ୍କର ପାଦପଦ୍ମରେ ସଦାସର୍ବଦା ଧ୍ୟାନ ରଖି କର୍ମ କଲେ କର୍ମର ସୁଫଳ ମିଳିଥାଏ ।

**ଆସ, ନୂଆ ଶବ୍ଦକୁ ଜାଣିବା ।**

| | | | |
|---|---|---|---|
| ସଂଧ୍ୟା | ପ୍ରସାଦ | ସ୍ୱର୍ଗଲୋକ | ଜଗନ୍ନାଥ |
| ଦୀପ | କଣିକା | ସଦାସର୍ବଦା | ଘୋଷଯାତ୍ରା |
| ଅନ୍ନ | ନିର୍ମାଲ୍ୟ | ପରସ୍ପର | ମହାରାଷ୍ଟ୍ର |

# ପ୍ରଶ୍ନାବଳୀ

୧. ଆସ, ନିଜ ଭିତରେ ପଚରାପଚିରି ହେବା ଓ ଉତ୍ତର ଲେଖିବା ।

(କ) ମହାପ୍ରସାଦ କେତେବେଳେ ଖାଇଲେ ଲୋକ ବୈକୁଣ୍ଠ ଧାମ ଯାଏ ?

(ଖ) କେଉଁ ଯାତ୍ରାକୁ ଘୋଷଯାତ୍ରା କୁହାଯାଏ ?

(ଗ) ମହାପ୍ରସାଦ କେଉଁଠାରେ ବିକ୍ରୀ ହୁଏ ?

(ଘ) ମନ୍ଦିରରେ ଆଳତୀ ସମୟରେ କେଉଁ ଗୀତ ବୋଲାଯାଏ ?

(ଙ) କେତେ ପ୍ରକାର ଭୋଗ ଜଗନ୍ନାଥଙ୍କ ପାଖରେ ଲାଗି ହୁଏ ?

(ଚ) ଯବନ ଭକ୍ତ କିଏ ?

**୨. ଆସ, ଉତ୍ତର ଖୋଜିବା ତଳ ପ୍ରଶ୍ନଗୁଡ଼ିକର ।**

(କ) ଅବଢ଼ା କାହିଁକି ତାହାର ନାଁ ହୋଇଛି ?

(ଖ) ଜଗନ୍ନାଥ କେଉଁ ଧର୍ମର ପ୍ରତୀକ ?

(ଗ) ସବୁଠାରୁ ବଡ଼ ଭୋଜନାଳୟ କିଏ ?

(ଘ) ଚାରିଗୋଟି ଧାମର ନାମ କ'ଣ ?

(ଙ) କେଉଁ କେଉଁ ଭକ୍ତ ପ୍ରଭୁଙ୍କ ଦେହରେ ଲୀନ ହୋଇଛନ୍ତି ?

(ଚ) କାହା ପାଖରେ ଲାଗି ହେବାରୁ 'ମହାପ୍ରସାଦ' ହୁଏ ?

(ଛ) ରତ୍ନ ବେଦୀରେ କେଉଁ କେଉଁ ଠାକୁର ବସନ୍ତି ?

୩. ଆସ, ନିମ୍ନ ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନ ଗଢ଼ିବା ।

ଭକ୍ତ ______________________

ମହାପ୍ରସାଦ ______________________

ନୀଚ ______________________

ଦରିଦ୍ର ______________________

ମହାଜନ ______________________

ବିକ୍ରୀ ______________________

ତୁଣ୍ଡ ______________________

## ୪. ପାଠରୁ ପଢ଼ି ପାଖ କୋଠରିରୁ ଶବ୍ଦ ନେଇ ଶୂନ୍ୟ ସ୍ଥାନ ପୂରଣ କରିବା।

| |
|---|
| ମେଘନାଦ, ମହାପ୍ରସାଦ<br>ସୀତା, ଗରୁଡ଼, ପ୍ରସାଦ<br>ଲକ୍ଷ୍ମୀ, ଭୋଗ |

(କ) ଆଗରେ ____________ ପକ୍ଷୀ ଦଣ୍ଡାୟମାନ।

(ଖ) ଆନନ୍ଦ ବଜାରରେ ____________ ବିକ୍ରୀ ହୁଏ।

(ଗ) ବେଢ଼ା ପାଚେରୀର ନାଁ ____________।

(ଘ) ଶତ୍ରୁ, ମିତ୍ର ସାଙ୍ଗ ହୋଇ ____________ ସେବନ କରନ୍ତି।

(ଙ) ____________ ଜଗନ୍ନାଥଙ୍କୁ ବିବାହ କରିଥିଲେ।

## ୫. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ଶବ୍ଦକୁ ମିଶାଇ ନୂଆ ଶବ୍ଦ ଗଢ଼ିବା।

| 'କ' | 'ଖ' | |
|---|---|---|
| ଆନନ୍ଦ | ଆଳତୀ | ________ |
| ଗୁରୁ | ଧର୍ମ | ________ |
| ବଡ଼ | ଗୋବିନ୍ଦ | ________ |
| ଗୀତ | ଦାଣ୍ଡ | ________ |
| ସନାତନ | ଗର୍ଜନ | ________ |
| ସଂଧ୍ୟା | ବଜାର | ________ |

## ୬. ନିମ୍ନଲିଖିତ ଉତ୍ତର ପାଇଁ ଆସ ପ୍ରଶ୍ନ ତିଆରି କରି ଲେଖିବା।

(କ) ବରୁଣ ରାଜା ହେଉଛନ୍ତି ତାଙ୍କ ଶ୍ୱଶୁର।

(ଖ) ବଡ଼ଦାଣ୍ଡରେ ଗରୁଡ଼ ପକ୍ଷୀ ଦଣ୍ଡାୟମାନ।

(ଗ) ଜଗନ୍ନାଥଙ୍କ ମନ୍ଦିରର ନାଁ ହେଉଛି ଶ୍ରୀମନ୍ଦିର।

(ଘ) ସମୁଦ୍ରର ଗର୍ଜନ ମନ୍ଦିରକୁ ଶୁଭେ ନାହିଁ।

(ଙ) ଜଗତର ନାଥ ଜଗନ୍ନାଥ ହେଉଛନ୍ତି ନୀଳାଚଳବାସୀ।

# ୧୫ ଖବର କାଗଜ ହକରରୁ ରାଷ୍ଟ୍ରପତି



ଭାରତର ପ୍ରଥମ ନାଗରିକ ହେଉଛନ୍ତି ରାଷ୍ଟ୍ରପତି । ସେ ସମୟର ରାଷ୍ଟ୍ରପତି ଥିଲେ ଜଣେ ବୈଜ୍ଞାନିକ । ଘର ତାଙ୍କର ତାମିଲନାଡୁର ରାମେଶ୍ୱରମ୍ ସହରରେ । ୧୯୩୧ ମସିହା ଅକ୍ଟୋବର ୧୫ ତାରିଖରେ ତାଙ୍କର ଜନ୍ମ । ପିତାଙ୍କ ନାମ ହେଉଛି ଜୈନୁଲ ଆବେଦିନ୍ ମରାକାୟାର ଓ ମାତାଙ୍କର ନାମ ଆସିଆମ୍ମା । ଗାଆଁର ନାଁ ହେଉଛି "ଅନୁଶକୋଡ଼ି" ।

ଅବ୍ଦୁଲ କାଲାମ୍ ହେଉଛନ୍ତି ଭାରତର ଦ୍ୱାଦଶ ରାଷ୍ଟ୍ରପତି । ତାଙ୍କର ବାପା ନୌକାକୁ ଭଡ଼ାରେ ଲଗାଇ ଅର୍ଥ ଉପାର୍ଜନ କରୁଥିଲେ । ପିଲାଦିନେ ଡକ୍ଟର କାଲାମ୍ ସ୍କୁଲରେ ପଢ଼ିବାବେଳେ ତାଙ୍କ ଭାଇଙ୍କ ସାଙ୍ଗରେ ମିଶି ଖବରକାଗଜ ବିକ୍ରୀ କରୁଥିଲେ ।

"ଧନ ନଥାଇ ଯଦି ଦୃଢ଼ ମନଟିଏ ଥିବ, କଠୋର ପରିଶ୍ରମ କରିବାର ପ୍ରବୃତ୍ତି ଥିବ, ତେବେ ସଫଳତାର ଶୀର୍ଷରେ ପହଞ୍ଚିବା ଗୋଟିଏ ବଡ଼ କଥା ନୁହେଁ ।" କେତେକ ଭାବନ୍ତି ପ୍ରଚୁର ଧନ ନଥିଲେ ସଫଳତା ମିଳେନାହିଁ । କିନ୍ତୁ ଏହା ମିଥ୍ୟା । "କାଲାମ୍‌ଙ୍କ ଜୀବନରେ ନିର୍ଦ୍ଧନତା ହିଁ ଆଣି ଦେଇଛି ସାଫଲ୍ୟ ।"

ସେ ଜଣେ ସରଳ ପ୍ରକୃତିର ଲୋକ ଓ ସଂପୂର୍ଣ୍ଣ ଶାକାହାରୀ । ପ୍ରତିଦିନ ସକାଳେ **'ଭଗବତ୍ ଗୀତା'**

ପାଠ କଲା ପରେ କାଲାମ୍ ଦିନର ଶୁଭାରମ୍ଭ କରନ୍ତି । ନିଜକୁ ରାମଭକ୍ତ ବୋଲି ସେ କହିଥାଆନ୍ତି । ରାମେଶ୍ୱରର ସୁରଜ ହାଇସ୍କୁଲ୍‌ରେ ସେ ପାଠ ପଢ଼ିଥିଲେ । ସେଣ୍ଟ୍ ଯୋଶେଫ କଲେଜ, ତିରୁଚିରାପଲ୍ଲୀରେ ୧୯୫୦ ମସିହାରେ କଲେଜ ପାଠ ସାରିଥିଲେ । ତାହାପରେ ମାଡ୍ରାସର ଏମ୍.ଆଇ.ଟି. କଲେଜରେ ୧୯୫୦ ରୁ ୧୯୫୭ ପର୍ଯ୍ୟନ୍ତ ପାଠପଢ଼ି ୧୯୫୮ରେ ହିନ୍ଦୁସ୍ଥାନ ଏରୋନେଟିକ୍ସରେ ଟ୍ରେନିଂ ଛାତ୍ର ଭାବରେ ଯୋଗଦେଲେ । ଡି.ଆର.ଡି.ଏଲ୍.ର ନିର୍ଦ୍ଦେଶକ ହେଲେ ୧୯୮୨ରେ । ୧୯୯୦ରୁ ୨୦୦୧ ପର୍ଯ୍ୟନ୍ତ ଭାରତ ସରକାରଙ୍କର ପ୍ରଧାନ ବିଜ୍ଞାନ ଉପଦେଷ୍ଟା ହେଲେ । ୨୦୦୨ରେ ଭାରତର ରାଷ୍ଟ୍ରପତି ଆସନ ଅଳଙ୍କୃତ କଲେ ।



ତାଙ୍କର ନିଷ୍ଠା ଓ ସାଧନା ତାଙ୍କୁ ଏତେ ବାଟକୁ ଆଣିପାରିଲା । ଚାକିରି ସମୟରେ ସେ ମାତ୍ର ଦୁଇଥର ଛୁଟି ନେଇଥିଲେ । ତାହା ଥିଲା ପିତା ଓ ମାତାଙ୍କର ମୃତ୍ୟୁବରଣ ଦିନ । ଦାରିଦ୍ର୍ୟର କଷାଘାତରେ ସେ ଭାଙ୍ଗିନପଡ଼ି ଆଗେଇ ଚାଲିଲେ ଆଗକୁ । ଆହୁରି ଆଗକୁ । ସରସ୍ୱତୀଙ୍କର ବରପୁତ୍ର ସେ ।

ସେ "ପୋଖରାନ୍", "ତ୍ରିଶୂଳ", "ପୃଥ୍ୱୀ" ଓ "ଅଗ୍ନି" କ୍ଷେପଣାସ୍ତ୍ରର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଡଃ କାଲାମ୍ "ମିଜାଇଲ୍‌ମ୍ୟାନ୍" ଭାବରେ ପରିଚିତ ।

୧୯୯୭ରେ ଇନ୍ଦିରାଗାନ୍ଧୀ ପୁରସ୍କାର ଓ ଭାରତରତ୍ନ ସମ୍ମାନ, ୨୦୦୦ରେ ରାମାନୁଜ ସମ୍ମାନ, ୧୯୯୦ରେ ପଦ୍ମଭୂଷଣ ସମ୍ମାନ ଓ ୧୯୯୬ରେ ସେ ଡି.କେ. ମୋଦି ପୁରସ୍କାର ପାଇଥିଲେ । ସେ ଅବିବାହିତ ଥିଲେ ।

ଜୀବନକାଳ ମଧ୍ୟରେ ସେ ଅନେକ ପୁସ୍ତକ ରଚନା କରିଛନ୍ତି । ସେହି ବହି ମଧ୍ୟରୁ "ଇଣ୍ଡିଆ ୨୦୨୦ ଭିଜନ ଫର୍ ଦି ନିଉ ମିଲେନିୟମ୍" ଅନ୍ୟତମ ।

ଭାରତକୁ ସାରା ବିଶ୍ୱରେ ଦମ୍ଭର ସହ ଛିଡ଼ା କରାଇବା ଓ ଦେଶର ଆର୍ଥିକ ବିକାଶ କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ସେ କହନ୍ତି, ଧନର ଅଭାବ ଥିବା ବ୍ୟକ୍ତି ପ୍ରକୃତରେ ଦରିଦ୍ର ନୁହେଁ । ସେ ଆଜି ପର୍ଯ୍ୟନ୍ତ ତାଙ୍କର ଧୈର୍ଯ୍ୟ, ସାହସ, ପ୍ରେରଣା ଓ ଈଶ୍ୱର ଭକ୍ତିରେ ଆଗେଇ ଚାଲିଛନ୍ତି । ଦାରିଦ୍ର୍ୟ ସହ ସଂଘର୍ଷ କରି ସେ ଜୀବନର ଶୀର୍ଷ ସ୍ଥାନରେ ପହଞ୍ଚି ନିଜର କର୍ତ୍ତବ୍ୟ ସଂପାଦନ କରିଥିଲେ । ଗତ ଜୁଲାଇ ୨୯, ୨୦୧୫ରେ ତାଙ୍କର ଦେହାବସାନ ହୋଇଥିଲା, ଯାହା ମାନବ ସମାଜ ପାଇଁ ଅପୂରଣୀୟ କ୍ଷତି ପହଞ୍ଚାଇଛି ।

**ଆସ, ନୂଆ ଶବ୍ଦ ଜାଣିବା ।**

| | | | |
|---|---|---|---|
| ଲକ୍ଷ୍ୟ | କଠୋର | ଉପାର୍ଜନ | ରାମେଶ୍ୱର |
| ଋଣ | ବିକାଶ | ପରିଶ୍ରମ | ସଫଳତା |

## ପ୍ରଶ୍ନାବଳୀ

**୧. ଆସ, କଥା କୁହାକୁହି ହୋଇ ଉତ୍ତର ଲେଖିବା ।**

(କ) ଅବ୍‌ଦୁଲ କାଲାମ୍ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

(ଖ) ତାଙ୍କ ପିତା ଓ ମାତାଙ୍କ ନାମ କ'ଣ ଥିଲା ?

(ଗ) ସେ କି, କି ସମ୍ମାନ ପାଇଛନ୍ତି ?

(ଘ) କେଉଁ କ୍ଷେପଣାସ୍ତ୍ରର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ?

(ଙ) କେଉଁ ବହି ତାଙ୍କର ଜୀବନର ଗତିପଥ ବଦଳାଇଲା ?

**୨. ସରଳ ଭାଷାରେ ବୁଝାଇ ଲେଖିବା ।**

(କ) "ଧନ ନଥାଇ ଯଦି ଦୃଢ଼ ମନଟିଏ ଥିବ, କଠୋର ପରିଶ୍ରମ କରିବାର ପ୍ରବୃତ୍ତି ଥିବ, ତେବେ ସଫଳତାର ଶୀର୍ଷରେ ପହଞ୍ଚିବା ଗୋଟିଏ ବଡ଼ କଥା ନୁହେଁ ।"

(ଖ) ଦାରିଦ୍ର୍ୟର କଷାଘାତରେ ସେ ଭାଙ୍ଗି ନପଡ଼ି ଆଗେଇ ଚାଲିଲେ ଆଗକୁ ।

## ୩. ଆସ, ପଠିତ ବିଷୟରୁ ଉତ୍ତର ଖୋଜି ଲେଖିବା ।

(କ) ଅବ୍‌ଦୁଲ କାଲାମ୍ କି, କି ବହି ଲେଖିଛନ୍ତି ?

(ଖ) କେଉଁ ମସିହାରେ ସେ 'ଭାରତ ରତ୍ନ' ସମ୍ମାନ ପାଇଥିଲେ ?

(ଗ) କାହାର ଭକ୍ତ ବୋଲି ସେ କହିଥାଆନ୍ତି ?

(ଘ) ସେ କେବେ ରାଷ୍ଟ୍ରପତି ପଦପାଇଲେ ?

(ଙ) ଭାଇଙ୍କ ସହ ମିଶି ସେ କେଉଁ କାମ କରୁଥିଲେ ?

(ଚ) ସେ ଚାକିରୀ କାଳ ମଧ୍ୟରେ ଦୁଇଦିନ କ'ଣ ପାଇଁ ଛୁଟି ନେଇଥିଲେ ?

## ୪. ଆସ ତଳ ଶବ୍ଦଗୁଡ଼ିକୁ ଲଗାଇ ବାକ୍ୟ ଗଠନ କରିବା ।

ସଂଘର୍ଷ ______________________

ଦମ୍ଭ ______________________

ସମ୍ମାନ ______________________

ଆର୍ଥିକ ______________________

ପୁରସ୍କାର ______________________

ଦୃଢ଼ ______________________

କଠୋର ______________________

୫. ତଳ ବୃତ୍ତର ଚାରି ପାଖରେ ଥିବା ଛୋଟ ବୃତ୍ତରେ ଲେଖାଥିବା ପାଠର ଶବ୍ଦ ସହ ତାଙ୍କର କି ସଂପର୍କ ଅଛି ତଳେ ଲେଖିବା



ରାମେଶ୍ୱରମ୍

୨୯ ଜୁଲାଇ, ୨୦୧୫

ଅନୁଶକୋଡ଼ି

ତାମିଲନାଡୁ

ଜୈନୁଲ ଆବେଦିନ୍ ମରାକାୟାର

ଆସିଆମ୍ମା

ଭାରତ ରତ୍ନ

୧୯୩୧ ଅକ୍ଟୋବର ୧୫


ସୁରଜ

ପଦ୍ମଭୂଷଣ

| <u>ନାମ</u> | <u>ସଂପର୍କ</u> |
| --- | --- |
| ରାମେଶ୍ୱରମ୍ | __________ |
| ତାମିଲନାଡୁ | __________ |
| ଅନୁଶକୋଡ଼ି | __________ |
| ଜୈନୁଲ ଆବେଦିନ୍ ମରାକାୟାର | __________ |
| ଆସିଆମ୍ମା | __________ |
| ଭାରତ ରତ୍ନ | __________ |
| ସୁରଜ | __________ |
| ପଦ୍ମଭୂଷଣ | __________ |
| ୧୯୩୧ ଅକ୍ଟୋବର ୧୫ | __________ |
| ୨୦୧୫ ଜୁଲାଇ ୨୯ | __________ |

୧୬

# ପୁଣ୍ୟର ହିସାବ ନିକାଶ



ହିମାଳୟ ପାଦଦେଶରେ ଗଙ୍ଗା ବହିଯାଉଛି । ଗଙ୍ଗାନଈ କୂଳରେ ଘଞ୍ଚ ଅରଣ୍ୟ କେଉଁ କାଳରୁ ରହିଆସିଛି । ମୁନି, ଋଷିମାନଙ୍କର ଆଶ୍ରମ ସେହି ଜଙ୍ଗଲରେ ଦେଖାଯାଏ ।

ସନ୍ଧ୍ୟା ସମୟରେ ମୁନିମାନଙ୍କ ବେଦସ୍ୱନ ଶୁଣାଯାଏ । ଗଗନ, ପବନ ପ୍ରକମ୍ପିତ ହୋଇଉଠେ ବେଦଧ୍ୱନିରେ । ସମାଜର ଲୋକମାନଙ୍କୁ ସତ୍ ପଥରେ ପରିଚାଳିତ କରିବା ତାଙ୍କର କାମ । ମୁନିଋଷିମାନେ ଧନର ବହୁ ଉର୍ଦ୍ଧ୍ୱରେ ଥାଆନ୍ତି ।

ଥରେ ଜଣେ ଋଷି ଦାନ ଦେବାକୁ ମନସ୍ଥ କଲେ । କାହାକୁ ଦାନ କରାଯିବ ସ୍ଥିର ହେଲା । ଯାହାର ଯେତେ ପୁଣ୍ୟ ଥିବ, ସେ ସେତେ ପରିମାଣର ଧନ ପାଇବ । ଅନେକ ଦୂରଦୂରାନ୍ତରୁ ଲୋକ ଦାନ ନେବାକୁ ଆସିଲେ ।

ଋଷି କହିଲେ, "ହେ ଶିଷ୍ୟଗଣ ! ତୁମେ ଗୋଟିଏ ତରାଜୁ ଓ ବଟକରା ଆଣ । ଯିଏ ଦାନ ନେବାକୁ ଆସିବ, ସେ ତାହାର ପୁଣ୍ୟକୁ କାଗଜରେ ଲେଖି ତରାଜୁର ଗୋଟିଏ ପଟରେ ପକାଇବ ଓ ଅନ୍ୟ ପଟରେ ବଟକରା ପଡ଼ିବ । ବ୍ୟକ୍ତିର ପୁଣ୍ୟ କାଗଜ ତୁଳନାରେ ବଟକରାର ଅଂଶର ଯେତେ ଅଧିକ ହେବ ତଦନୁଯାୟୀ ସେ ଧନ ପାଇବ ।"

କେତେ ଲୋକ ଆସି ପୁଣ୍ୟର ଫଳ ସ୍ୱରୂପ ଦାନ ନେଇ ଯାଉଥାଆନ୍ତି । ଥରେ ରାଜା ପାରିଧିକୁ ଯାଇଥାଆନ୍ତି । ଏ ସନ୍ଦେଶ ତାଙ୍କ କାନରେ ବାଜିଲା । ରାଜା ଭାବିଲେ, "ମୋର ତ ଅନେକ ପୁଣ୍ୟ ଅଛି । ତାକୁ ତଉଲିଲେ ଅନେକ ଧନ ପାଇବି ।" ପରୀକ୍ଷା କରିବା ପାଇଁ ଋଷି ଆଶ୍ରମକୁ ଗଲେ ।

ରାଜା ଋଷିଙ୍କୁ ଦେଖି ପ୍ରଣିପାତ କଲେ । ଋଷି ଆଶିର୍ବାଦକଲେ । ରାଜା ଧାଡ଼ିରେ ଠିଆ ହେଲେ । ତାଙ୍କର ପାଳି ପଡ଼ିଲା । ସେ ରାଜ୍ୟରେ ଖୋଳାଇଥିବା ପୋଖରୀ, ପାନ୍ଥଶାଳା, ଅନେକ ଜନହିତକର କାର୍ଯ୍ୟର ତାଲିକା ପ୍ରସ୍ତୁତ କରି ତରାଜୁରେ ପକାଇଲେ । ସମସ୍ତେ ଚାହିଁଥାଆନ୍ତି । ମାତ୍ର ତାଙ୍କ ପୁଣ୍ୟର କାଗଜ ତଉଲିବା ପାଇଁ ତରାଜୁରେ ଭାରୀ ବଟକରା ଆବଶ୍ୟକ ହେଲାନାହିଁ ।

ରାଜା ଆଶ୍ଚର୍ଯ୍ୟ ହୋଇଗଲେ । ଭାବିଲେ ଅନେକ ପୁଣ୍ୟର ଫଳ କିଛି ମିଳିଲା ନାହିଁ । ଋଷି କହିଲେ - "ମହାରାଜ, ଆପଣଙ୍କର ପ୍ରାପ୍ୟ କିଛି ନାହିଁ ।" ରାଜା ହତୋତ୍ସାହ ହୋଇଗଲେ । ତାଙ୍କର ପୁଣ୍ୟ କଥା ଋଷିଙ୍କୁ କହିଲେ ।

ଋଷି କହିଲେ, ଆପଣ ଯାହାକୁ ପୁଣ୍ୟ ବୋଲି ବିଚାର କରୁଛନ୍ତି, ତାହା ପ୍ରଜାଙ୍କର ଧନ । ରାଜକୋଷର ଧନରେ ରାଜ୍ୟର ଉନ୍ନତି ଆପଣ କରିଛନ୍ତି । ଆପଣଙ୍କ ଅର୍ଜିତ ପୁଣ୍ୟ ଯଦି ଥାଏ, ତେବେ ଲେଖିପକାନ୍ତୁ । ଏକଥା ଶୁଣି ରାଜା ଲଜ୍ଜିତ ହୋଇଗଲେ । ସେଠାରୁ ବିଦାୟ ନେଇ ବଣଜଙ୍ଗଲରେ କିଛି ଦିନ ରହି କାଠ କାଟି ସହରରେ ବିକ୍ରୟ କଲେ । ସେହି ଅର୍ଜିତ ଧନରେ ଅନେକ ଲୋକଙ୍କୁ ଦାନ କଲେ । କିଛି ମାସ ପରେ ପୁଣି ଆଶ୍ରମକୁ ଫେରିଲେ ।

ତାଙ୍କର ଝାଳବୁହା ଧନରେ ଯେଉଁ ପୁଣ୍ୟ ଟିକକ ଥିଲା, ତାକୁ ତାଲିକା କରି ତରାଜୁରେ ପକାଇଲେ । ସେତିକିବେଳେ କାଗଜ ପାଖ ତଳକୁ ଗଲା । ରାଜା ଆନନ୍ଦିତ ହେଲେ । ଋଷିଦତ୍ତ ଦାନକୁ ରାଜା ମୁଣ୍ଡରେ ମାରି ରାଜ ନଅରକୁ ଆସିଲେ । ଶେଷ ସିଦ୍ଧାନ୍ତରେ ରାଜା ଉପନୀତ ହେଲେ ଯେ, ନିଜ ଅର୍ଜିତ ଧନରେ ଆନନ୍ଦ ଅଛି ଓ ପୁଣ୍ୟ ମଧ୍ୟ ଅଛି । ସେହିଦିନଠାରୁ ଲାଗିପଡ଼ିଲେ ନିଜେ ରୋଜଗାର ପାଇଁ । ଦେହ ସୁସ୍ଥ ରହିଲା । ମନ ମଧ୍ୟ ପ୍ରଫୁଲ୍ଲ ରହିଲା । ଅନ୍ୟମାନେ ରାଜାଙ୍କର ଆଦର୍ଶରେ ଅନୁପ୍ରାଣିତ ହେଲେ ।

**ଆସ, ନୂଆ ଶବ୍ଦକୁ ଜାଣିବା ।**

| | | | | |
|---|---|---|---|---|
| ଗଗନ | ଅର୍ଜିତ | ତରାଜୁ | ପାନ୍ଥଶାଳା | ଆଶୀର୍ବାଦ |
| ପବନ | ମନସ୍ଥ | ପାରିଧି | ଉପନୀତ | ପ୍ରଣିପାତ |

# ପ୍ରଶ୍ନାବଳୀ

୧. **ଆସ, କଥାବାର୍ତ୍ତା କରିବା ନିଜ ଭିତରେ ।**

(କ) ରାଜା କାହିଁକି ବଣକୁ ଯାଇଥିଲେ ?

(ଖ) ଋଷି କେଉଁମାନଙ୍କୁ ଦାନ ଦେଉଥିଲେ ?

(ଗ) ପୁଣ୍ୟର ବିଚାର କାହା ଦ୍ୱାରା କରାଯାଉଥିଲା ?

(ଘ) ନିଜର ରୋଜଗାର ପାଇଁ କିଏ ଲାଗିପଡ଼ିଲେ ?

୨. **ଆସ, ଉତ୍ତର ଲେଖିବା ।**

(କ) ଲୋକମାନଙ୍କୁ କେଉଁ ବାଟରେ ଚଲାଇବା କାମ ତାଙ୍କର ଥିଲା ?

(ଖ) କିଏ ଦାନ ପାଇବାର ଯୋଗ୍ୟ ଥିଲେ ?

(ଗ) ରାଜା ଋଷିଙ୍କ ପାଖରୁ ଆସି କେଉଁଥିପାଇଁ ବଣକୁ ଯାଇଥିଲେ ?

(ଘ) କେଉଁ ତାଲିକା କରି ରାଜା ତରାଜୁରେ ପକାଇଲେ ?

(ଙ) କେଉଁ ଧନରେ ପୁଣ୍ୟ ଓ ଆନନ୍ଦ ମିଳେ ?

୩. **ସରଳ ଭାଷାରେ ବୁଝାଇ ଲେଖିବା ।**

(କ) ମୁନି, ଋଷିମାନେ ଧନର ବହୁ ଉର୍ଦ୍ଧ୍ୱରେ ଥାଆନ୍ତି ।

(ଖ) ନିଜ ଅର୍ଜିତ ଧନରେ ଆନନ୍ଦ ଅଛି ଓ ପୁଣ୍ୟ ମଧ ଅଛି ।

୪. **ଆସ, ନିମ୍ନ ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଢ଼ିବା ।**

ପୁଣ୍ୟ ______________________

ତାଲିକା ______________________

ଆଶୀର୍ବାଦ ______________________

ପ୍ରଣିପାତ ______________________

ସିଦ୍ଧାନ୍ତ ______________________

ଜୟ ______________________

ପ୍ରଫୁଲ୍ଲ ______________________

୫. 'ଭାରତ' ଶବ୍ଦରୁ 'ଭାରତୀୟ' ହେଲାପରି ତଳେଥିବା ଶବ୍ଦଗୁଡ଼ିକ କ'ଣ ହେବ ତା ପାଖରେ ଆସ ଲେଖିବା।

| | | | | | |
|---|---|---|---|---|---|
| ବାଷ୍ପ | | ଜାତି | | ପାନ | |
| ସଂଘ | | ଦଳ | | | |

୬. ଗୋଟିଏ ଶବ୍ଦରେ ଲେଖ।

(କ) ଯେଉଁମାନେ ହାଟ କରନ୍ତି। ________________

(ଖ) ଯେଉଁମାନେ ନାଟ କରନ୍ତି। ________________

(ଗ) ଯେଉଁମାନେ ପାଠ ପଢ଼ନ୍ତି। ________________

(ଘ) ଯେଉଁମାନେ ଘାଟ ଜଗନ୍ତି। ________________

(ଙ) ଯେଉଁମାନେ ସତ କୁହନ୍ତି। ________________

୭. ଶୂନ୍ୟ ସ୍ଥାନ ପୂରଣ କର।

| କଠିନ | କଠିନତର | କଠିନତମ |
|---|---|---|
| ଶ୍ରେଷ୍ଠ | ________ | ________ |
| ଗୁରୁ | ________ | ________ |
| ଦୀର୍ଘ | ________ | ________ |
| ଉଚ୍ଚ | ________ | ________ |

୮. "ବଣ ଜଙ୍ଗଲ" ପରି ଆସ ତଳେ ଦିଆଯାଇଥିବା ଶବ୍ଦର ନୂଆ ଯୋଡ଼ା ଶବ୍ଦ ଲେଖିବା।

| | | | |
|---|---|---|---|
| ଧନ | | ହିସାବ | |
| ଗୋପ | | ଧାର | |
| ଘର | | ପାପ | |
| ଝାଟି | | ହସ | |

୧୭

# ଆଈ







ଚବର, ଚବର
 ମାମୁଁ ଘର ଶଙ୍କି ଆଈ,
ଗବର, ଗବର
 ନପାରନ୍ତି ତାକୁ କେହି ।
ନିଜର ଲୁଗାକୁ
 ଦୋଳିଟିଏ ସଜ କରେ,
କା ିକେ କଦଳୀ
 ଭସାଏ ପାଣି ସୁଅରେ ।
ସତର ଥର ସେ
 ଦେଖି ବ୍ରାହ୍ମଣ, ଠାକୁର,
ଦିଆଲିରେ ବାଣ
 କାନରେ ଆଙ୍ଗୁଠି ତା'ର
ଚମକି ପଡ଼ିଲେ
 ଛାତିକି ଦିଏ ଫୋପାଡ଼ି
ମୁହଁସଂଜ ବେଳେ,
 ଗୁଣିଆ ଆସଇ ଝାଡ଼ି ।
ଚଗଲା ପିଲା ତା
 ଫୁରୁକୁଟି ପରି ଡିଏଁ,
ଗାଆଁର ବୋହୁଏ
 ଚର୍‌ଚର୍ ଲେଖି ଯାଏ ।
ପିତା ଶାଗକୁ ସେ
 ପୋଡ଼ଇ ରଡ଼ ନିଆଁରେ,
ତୁଣ୍ଡ ପୋଡ଼ା ନେଇ
 ଖାଇଯାଏ ଶରଧାରେ ।

ହୁଏ ସବୁବେଳେ

କଳି କଲେ ହୁଏ

ଚାଳଟିରେ ବାନ୍ଧି

ଡଙ୍ଗା ହାତେକରି

ଓଳଗି ହୁଅଇ

ଫୁଟାଫୁଟି ହେଲେ

ନେଣ୍ଡାଏ ଛାପ ତ

ଟିକେ ଡରିଗଲେ

ପଛରେ ଲାଗିଲେ

ଲଫାପା ଆଣିଲେ

ପତରରେ ବାନ୍ଧି

ପଖାଳ କଂସାଏ












ଖରଖରି ସିଏ ସବୁ କାମ ପାଇଁ
ସତେ କି ଖୁରୁପିଟିଏ
ଖୁପୁରୁ ଖୁପୁରୁ ଚାଲିଟା ତାହାର
ମୁଣ୍ଡରେ ଓଢ଼ଣା ଦିଏ ।
ନାକର ଅଗରେ ରାଗଟା ତାହାର
ଅରଣା ମଇଁଷି ସିଏ
ନବାବ ପୁଅକୁ ଜବାବ ଦିଏ ସେ
ତା' ପରି ବା ଅଛି କିଏ ।









## ଆସ, ନୂଆ ଶବ୍ଦକୁ ଜାଣିବା ।

| | | | |
|---|---|---|---|
| କାର୍ତ୍ତିକ | ଫୁଲସଂଜ | ଓଢ଼ଣା | ଓଳଗି |
| ଲଫାପା | ତୁଣ୍ଡପୋଡ଼ା | ଶରଧା | ନବାବ |

# ପ୍ରଶ୍ନାବଳୀ

୧. **ଆସ, ଆଲୋଚନା କରିବା ।**

(କ) କିଏ ସବୁବେଳେ ଚବର ଚବର ହୁଏ ?

(ଖ) ଆଈ ଚମକି ପଡ଼ିଲେ କ'ଣ କରେ ?

(ଗ) ତାହାର ଚାଲି କିପରି ?

(ଘ) ପିଲାମାନେ ତା ପଛରେ ଲାଗିଲେ, ସେ କିପରି ହୁଏ ?

(ଙ) ଆଈର ରାଗ କେଉଁଠି ଥାଏ ?

୨. **'କ' ସ୍ତମ୍ଭରେ ଥିବା ଶବ୍ଦ 'ଖ' ସ୍ତମ୍ଭରେ କେଉଁ ଶବ୍ଦର ମେଳ ଅଛି ଅଲଗା ଯାଗାରେ ।**

| 'କ' | 'ଖ' | ଅଲଗା ଯାଗା |
|---|---|---|
| ନବାବ | ନିଆଁ | ________ |
| ରଡ଼ | ଶାଗ | ________ |
| ଘଡ଼ି | ବାଣ | ________ |
| ପିତା | ମଇଁଷି | ________ |
| ଅରଣା | ଛାପ | ________ |
| ନେଣ୍ଡାଏ | ପୁଅ | ________ |

୩. **ଆସ ନିମ୍ନ ଲିଖିତ 'ଚବର ଚବର' ଶବ୍ଦ ପରି ଆଉ ତିନିଗୋଟି ଶବ୍ଦ ଲେଖିବା ।**

________ ________ ________

୪. **ଆସ, ସରଳ ଭାଷାରେ ବୁଝାଇ ଲେଖିବା ।**

(କ) ଚମକି ପଡ଼ିଲେ ନେଣ୍ଡାଏ ଛାପତ
ଛାତିକି ଦିଏ ଫୋପାଡ଼ି

ଫୁଲ ସଂଜ ବେଳେ ଟିକେ ଡରିଗଲେ

ଗୁଣିଆ ଆସଇ ଝାଡ଼ି ।

(ଖ) ନାକର ଅଗରେ ରାଗଟା ତାହାର

ଅରଣା ମଇଁଷି ସିଏ

ନବାବ ପୁଅକୁ ଜବାବ ଦିଏ ସେ

ତା' ପରି ବା ଅଛି କିଏ ?

୫. ଆସ ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଢ଼ିବା ।

| | | | |
|---|---|---|---|
| ଜବାବ | ______________ | ରାଗ | ______________ |
| ଓଢ଼ଣା | ______________ | କାର୍ତ୍ତିକ | ______________ |
| ଶରଧା | ______________ | ନବାବ | ______________ |

୬. ଆସ ଉତ୍ତର ଖୋଜି ବାହାର କରିବା ।

(କ) କାର୍ତ୍ତିକ ମାସରେ କ'ଣ ପାଣିରେ ଭସାନ୍ତି ?

(ଖ) ଦୀପାବଳିକୁ କିପରି ପାଳନ କରନ୍ତି ?

(ଗ) ଗୁଣିଆ କ'ଣ ପାଇଁ ଆଈ ପାଖକୁ ଆସେ ?

(ଘ) ତାହାର ମୁଣ୍ଡରେ ସବୁବେଳେ କ'ଣ ଥାଏ ?

(ଚ) କାହାକୁ ସିଏ ଡରେ ନାହିଁ ?

୭. ଆସ, କବିତାରୁ ଛାଡ଼ି ଯାଇଥିବା ଶୂନ୍ୟ ସ୍ଥାନକୁ ପୂରଣ କରିବା ।

(କ) ପିତା ଶାଗକୁ ସେ ପତରରେ ବାନ୍ଧି ______________ ।

(ଖ) ______________ ମୁଣ୍ଡରେ ଓଢ଼ଣା ଦିଏ ।

(ଗ) ନବାବ ପୁଅକୁ ଜବାବ ଦିଏ ସେ ______________ ।

(ଘ) କାର୍ତ୍ତିକେ କଦଳୀ ଡଙ୍ଗା ହାତେ କରି ______________ ।

(ଙ) ______________ ଗୁଣିଆ ଆସଇ ଝାଡ଼ି ।

୮. ତଳେ ଦିଆଯାଇଥିବା ଶବ୍ଦର ଏକପଦୀ ଶବ୍ଦ ଆସ ଲେଖିବା ।

ଯିଏ ବିଜ୍ଞାନରେ ଗବେଷଣା କରେ - ବୈଜ୍ଞାନିକ

ସେହିପରି -

(କ) ଯିଏ ଇତିହାସ ଲେଖେ, ସେ ________________ ।

(ଖ) ଯିଏ ଶିକ୍ଷାଦାନ କରେ, ସେ ________________ ।

(ଗ) ଯିଏ ରକ୍ଷାକରେ, ସେ ________________ ।

(ଘ) ପଙ୍କରୁ ଜାତ ହୋଇଛି ଯେ ________________ ।

୯. ଆସ, କବିତାଟିକୁ ପଢ଼ି ଆଇ ବିଷୟରେ ଯେଉଁ ଧାରଣା ହେଲା ଦଶଧାଡ଼ିରେ ଲେଖିବା ।